ଧରିତ୍ରୀ
DHARITRI

February 16-22, 2025 ₹ 2/-

ଧରିତ୍ରୀ DHARITRI 51 Years

ଛୁଟିଦିନ





ପ୍ରଚ୍ଛଦ ପ୍ରସଙ୍ଗ

୩

## ଐତିହ୍ୟର ଗାଁ

# କୁମାରାଙ୍ଗ ଶାସନ

'ନିଆଁଖୁଣ୍ଟା'ର ସମ୍ପାଦକ ଗୋଦାବରୀଶଙ୍କ ଗାଁ ଭାବେ ପରିଚିତ କୁମାରାଙ୍ଗ ଶାସନ ଜନ୍ମ ଦେଇଛି ଅନେକ ବିଜ୍ଞ, ପଣ୍ଡିତ ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ । ସେହି ଐତିହ୍ୟସମ୍ପନ୍ନ ଗାଁ ସମ୍ପର୍କରେ...



# ଅଗଣାରେ କେଉଁ ବୃକ୍ଷ ଲଗାଇବା ଶୁଭ...

**ପ୍ରକୃତି ସହ ଜଡ଼ିତ ପ୍ରତ୍ୟେକଟି ଜିନିଷରେ ଈଶ୍ୱରଙ୍କ ଆର୍ଶୀବାଦ ରହିଥାଏ। ଯେମିତି କି ବୃକ୍ଷଲତା। ବାସ୍ତୁଶାସ୍ତ୍ର ଅନୁଯାୟୀ, ଏମିତି କିଛି ବୃକ୍ଷଲତା ରହିଛି; ଯାହାକୁ ଘର ଅଗଣାରେ ଲଗାଇବା ଶୁଭ ହୋଇଥାଏ ...**

* ତୁଳସୀ ଗଛକୁ ପବିତ୍ରତାର ସ୍ୱରୂପ ବୋଲି କୁହାଯାଏ। ଘରୁ ନକାରାତ୍ମକ ଶକ୍ତିକୁ ଦୂର କରିବାରେ ଏହା ବେଶ୍ ସହାୟକ ହୋଇଥାଏ। ବିଶେଷକରି ଅଗଣାର ଉତ୍ତର ଦିଗ କିମ୍ବା ଉତ୍ତର-ପୂର୍ବ ଦିଗରେ ତୁଳସୀ ଗଛକୁ ଲଗାଇବା ଅତ୍ୟନ୍ତ ଶୁଭ ହୋଇଥାଏ।
* କୁହାଯାଏ, କଦଳୀ ଗଛର ଛାଇରେ ବସି ବିଦ୍ୟାର୍ଥୀ ପାଠ



ପଢ଼ିଲେ ପାଠ ଶୀଘ୍ର ମନେ ରହିଯାଏ। ଏହି ଗଛ ସ୍ମରଣ ଶକ୍ତିକୁ ବଢ଼ାଇଥାଏ। ତେଣୁ ଏହି ଗଛକୁ ଚାହିଁଲେ ଘର ଅଗଣାରେ ମଧ୍ୟ ଲଗାଇପାରିବେ।
* ଧଳା ଅପରାଜିତା ଫୁଲ ଫୁଟୁଥିବା ଗଛକୁ ବି ଅଗଣାରେ ଲଗାଇବା ଅତ୍ୟନ୍ତ ଶୁଭ ହୋଇଥାଏ। ଏହାଦ୍ୱାରା ଘରେ ଧନବୃଦ୍ଧି ହୁଏ ବୋଲି ବିଶ୍ୱାସ କରାଯାଏ।
* ଏରିକା ପାମ୍ ବୃକ୍ଷକୁ ବି ଲକି ପ୍ଲାଣ୍ଟ ବୋଲି କୁହାଯାଇଥାଏ। ଏହି ବୃକ୍ଷ କେବଳ ଦେଖିବାକୁ ସୁନ୍ଦର ହୋଇଥାଏ ତାହା ନୁହେଁ, ଏହାକୁ ଘରେ ହେଉ କି ଅଗଣାରେ ରଖିଲେ ଘରର ବାୟୁ ମଧ୍ୟ ସ୍ୱଚ୍ଛ ରହିଥାଏ। ଏଥିସହିତ ଘରର ବାତାବରଣକୁ ଶୁଦ୍ଧ କରିବା ସହ ଏହା ଐଶ୍ୱର୍ଯ୍ୟକୁ ମଧ୍ୟ ଆକର୍ଷିତ କରିଥାଏ।
* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ କିମ୍ବା ଅଗଣାରେ କଣ୍ଟା ଜାତୀୟ ଗଛ ଲଗାଇବା ଠିକ୍ ନୁହେଁ। କିନ୍ତୁ ଗୋଲାପ ଗଛକୁ ଲଗାଇବାରେ ସେମିତି କିଛି ବିଶେଷ ଅସୁବିଧା ନାହିଁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୧୬-୨୨

**ମେଷ**
କର୍ମକ୍ଷେତ୍ରରେ ଗୌରବ, ମାନସିକ ସ୍ଥିରତା, ଅଭିଳଷିତ ଫଳପ୍ରାପ୍ତି, ଆମୋଦ ପ୍ରମୋଦର ମଉକା, ଆତ୍ମୀୟସ୍ୱଜନଙ୍କ ପଶ୍ଚାତାପ, ଉପରିସ୍ଥଙ୍କ କଟୁକ୍ତି, ବନ୍ଧୁ ମିଳନରୁ ଆନନ୍ଦ, ବନ୍ଧୁଙ୍କ ମିଥ୍ୟାରୋପ ପାରିବାରିକ ଦ୍ୱନ୍ଦ୍ୱ॥

**ବୃଷ**
ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଭୁଲ୍ ଖବରରୁ ବିସ୍ମୟ, ଗୃହ ନିର୍ମାଣର ଶେଷପର୍ଯ୍ୟାୟ, ବିବାଦର ଦିଗ ପରିବର୍ତ୍ତନ, ସାମାଜିକ ସମ୍ମାନପ୍ରାପ୍ତି, ବ୍ୟବସାୟିକ ସଫଳତା, ସନ୍ତାନହେତୁକ ଗୌରବ, ରୋଗପୀଡା କମିବ॥

**ମିଥୁନ**
ବୈଷୟିକ ଅଭିବୃଦ୍ଧି, ପ୍ରତୀକ୍ଷିତ ଖବର ପ୍ରାପ୍ତି, ବ୍ୟବସାୟିକ ସଫଳତା,ଭ୍ରାତୃ ବିବାଦର ସମାଧାନ, ଅତିଥି ଚର୍ଚ୍ଚାରୁ ଆତ୍ମତୃପ୍ତି, କ୍ରୀଡା ଓ କଳାସଂସ୍କୃତିରେ ପ୍ରଶଂସା, ଉଚ୍ଚଶିକ୍ଷା ପ୍ରତି ଆଗ୍ରହ, ବନ୍ଧୁଙ୍କ ଦୁଃଖରେ ସମବେଦନା, ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନୀ॥

**କର୍କଟ**
ପାରିବାରିକ ଶାନ୍ତି, ଭ୍ରମଣ ଜନିତ କ୍ଲେଶ, ମାନସିକ ଅସୁସ୍ଥତା, ପୈତୃକ ସମ୍ପତିରେ ବିବାଦ, ନିଷ୍ପତି ନେବାରେ ଅର୍ନ୍ତଦ୍ୱନ୍ଦ୍ୱ, ସାମାଜିକ ସମ୍ମାନପ୍ରାପ୍ତି, ସମସ୍ୟାର ସମାଧାନ, ପଡୋଶୀଙ୍କ ଉଦାରତା, ରାଜନୈତିକ ପ୍ରତିଷ୍ଠା॥

**ସିଂହ**
କାର୍ଯ୍ୟହାନୀରୁ ମନଦୁଃଖ, ବନ୍ଧୁବର୍ଗଙ୍କ ସାନ୍ତ୍ୱନା, ପ୍ରତିକ୍ଷୀତ ଖବର ପାଇବେ, ଦୂରଯାତ୍ରାର ଯୋଜନା, ପୁରାଣ ପଠନରେ ଶ୍ରଦ୍ଧା, ସାମାଜିକ ସମ୍ପର୍କ ବଢ଼ିବ, ଟେନସନ୍ କମିଯିବ, ସ୍ୱାସ୍ଥ୍ୟସମସ୍ୟା ସୁଧୁରିବ॥

**କନ୍ୟା**
କାର୍ଯ୍ୟସାଧନରୁ ଆତ୍ମତୃପ୍ତି, ସଭାସମିତିକୁ ନିମନ୍ତ୍ରଣ, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଧାରକରଜ କରିବେ, କଚେରୀ ମାମଲାରେ ହଇରାଣ, ସାହିତ୍ୟକୃତିରୁ ପ୍ରଶଂସା, ସମ୍ପର୍କୀୟଙ୍କ ସୌହାର୍ଦ୍ଦ୍ୟ, କିଣାବିକାରେ ଠକାମି, ଋଣ ପରିଶୋଧ ଚିନ୍ତା ବୃଦ୍ଧି॥

**ତୁଳା**
ବନ୍ଧୁ ମିଳନରୁ ଆନନ୍ଦ, ସାମାଜିକ କଲ୍ୟାଣ କର୍ମ, ଖୁସିର ଆସର ଜମିବ, ପାରିବାରିକ ସମସ୍ୟାରୁ ମନସ୍ତାପ, ଅନୁଷ୍ଠାନିକ କାମରୁ ପ୍ରଶଂସା, ଯାନ୍ତ୍ରିକ ଶିଳ୍ପରେ ଉନ୍ନତି, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାରେ ବିଳମ୍ବ, ଧର୍ମକାର୍ଯ୍ୟରେ ଅନୁରାଗ॥

**ବିଛା**
କର୍ମକ୍ଷେତ୍ରରେ ସମ୍ମାନ ଲାଭ, ମନ ଭାରାକ୍ରାନ୍ତ ରହିବ, ବନ୍ଧୁଙ୍କ ଅସହଯୋଗ, ଦ୍ରବ୍ୟ ନଷ୍ଟରୁ ମନସ୍ତାପ, ସଭାସମିତିକୁ ନିମନ୍ତ୍ରଣ, ଆଶା ପୂରଣ ହେବ, ପାରିବାରିକ ସମସ୍ୟାର ସମାଧାନ, ଯାତ୍ରାରେ ଅନ୍ୟମନସ୍କତା॥

**ଧନୁ**
ସୁଯୋଗ ହରାଇପାରନ୍ତି, ପଡୋଶୀଙ୍କ ଆକ୍ଷେପୋକ୍ତି, ନୂତନକର୍ମାରମ୍ଭରେ ଦ୍ୱନ୍ଦ୍ୱ, ନିର୍ମାଣାଧୀନ କାର୍ଯ୍ୟରେ ବିବାଦ, ମୂଲ୍ୟବାନ ଜିନିଷ ପ୍ରାପ୍ତି, ଜମିଜମା କାରବାର, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ପାରିବାରିକ ଶାନ୍ତି, ଧର୍ମକାର୍ଯ୍ୟ କରିବେ, ଭ୍ରମଣସୁଖ ମିଳିବ॥

**ମକର**
ନିୟନ୍ତ୍ରିତ ସ୍ୱାସ୍ଥ୍ୟ ସମସ୍ୟା, ଭୁଲ୍ ବୁଝାମଣା ଦୂର ହେବ, ସରକାରୀ କ୍ଷେତ୍ରରୁ ଲାଭ, ଧର୍ମଚର୍ଚ୍ଚାରେ ମନୋନିବେଶ, ସ୍ଥଗିତ କାମରେ ଅଗ୍ରଗତି, ଆନୁଷ୍ଠାନିକ କାମରେ ବିବାଦ, ଲେଖାପଢାରେ ଅନୁରାଗ, ଋଣ ପରିଶୋଧ,ସାହିତ୍ୟ ସଙ୍ଗୀତରେ ରୁଚି॥

**କୁମ୍ଭ**
ନୂତନ ଯୋଜନାରମ୍ଭ, ପାରିପାର୍ଶ୍ୱିକ ଅନୁକୂଳତା, ଆତ୍ମୀୟଙ୍କ ସହାନୁଭୂତି, ସାମାଜିକ ସମ୍ମାନ, ଅହେତୁକ ଚିନ୍ତାରେ ବ୍ୟସ୍ତତା, ସହକର୍ମୀଙ୍କ ସୌଜନ୍ୟତା, ବିଦେଶଯାତ୍ରାର ଯୋଜନା, ଶୁଭଖବର ପାଇବେ॥

**ମୀନ**
ମାନସିକ ଅସ୍ଥିରତା, ବିବାଦୀୟ ମନ୍ତବ୍ୟରୁ କଳହ, ଠକାମିରେ ପଡିପାରନ୍ତି, ପରୋପକାରରୁ ପ୍ରଶଂସା, ସ୍ନାୟବିକ ଦୁର୍ବଳତା, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ଦୂରଯାତ୍ରାର ଯୋଜନା, ସାହିତ୍ୟାକୃତିରେ ସମ୍ମାନ, ବନ୍ଧୁ ମିଳନରୁ ଆନନ୍ଦ, ଚାକିରି ଅଫର୍ ପ୍ରାପ୍ତି॥

# କିପରି ବଢିବ ସୁଖଶାନ୍ତି...



ଅନେକ ସମୟରେ ଦେଖାଯାଏ, କିଛି ବିଶେଷ କାରଣ ନଥାଇ ବି ଛୋଟ ଛୋଟ କଥାକୁ ନେଇ ଘରେ ଝଗଡ଼ା ଲାଗେ, ସମ୍ପର୍କରେ ଫାଟ ସୃଷ୍ଟି ହୁଏ। ଘରୁ ସୁଖଶାନ୍ତି କୁଆଡ଼େ ହଜିଗଲା ଭଳି ଅନୁଭବ ହୁଏ। ଏ କ୍ଷେତ୍ରରେ ଘରେ କିଛି ବାସ୍ତୁଦୋଷ ରହିଥିବା ସନ୍ଦେହ କରାଯାଏ। ତେଣୁ ଏଭଳି ସମସ୍ୟାରୁ କିପରି ମୁକ୍ତି ପାଇହେବ, ସେ ନେଇ ବାସ୍ତୁଶାସ୍ତ୍ରରେ କିଛିଟା ଉପାୟ କୁହାଯାଇଛି ; ଯାହାକୁ ଆପଣାଇଲେ ମନକୁ ବେଶ୍ ଶାନ୍ତି ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ଯଥା: * ପ୍ରତି ଗୁରୁବାର ଦିନ ତୁଳସୀ ଚଉରାରେ କିଛି କ୍ଷୀର ଢାଳିଲେ ଘରେ ଅଯଥାରେ କଳହ ଲାଗେ ନାହିଁ ବୋଲି ବିଶ୍ୱାସ ରହିଛି। * ଘରର ଦକ୍ଷିଣ-ପୂର୍ବ କୋଣରେ ସବୁଜୀମା ଭରା ଚିତ୍ର ଲଗାଇବା ଦ୍ୱାରା ମଧ୍ୟ ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ମାନ୍ୟତା ରହିଛି। * ଘରର ଡ୍ରଇଁ ରୁମ୍‌ରେ ସନ୍ଥ ମହାତ୍ମାଙ୍କ ଆଶୀର୍ବାଦ ଭଙ୍ଗୀର ଫଟୋ ଲଗାଇବା ବି ଘର ପାଇଁ ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। * ଘରର ଉତ୍ତର ଦିଗରେ ତୁଳସୀ ଗଛ କିମ୍ବା ଅଁଳା ଗଛ ଲଗାଇଲେ ପରିବାରର ମଙ୍ଗଳ ହେବା ସହ ସମ୍ପର୍କରେ ନିବିଡ଼ତା ଆସିଥାଏ ବୋଲି ଲୋକବିଶ୍ୱାସ ରହିଛି। * ସୋରିଷ ତେଲରେ ଲବଙ୍ଗ ପକାଇ ଦୀପ ଜଳାଇଲେ ମଧ୍ୟ ଘରେ ସୁଖଶାନ୍ତି ବଢିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

# ପାଠକୀୟ

* ଆସ୍ଥା, ବିଶ୍ୱାସ ଓ ଧର୍ମୀୟ ଭାବନା ଭିତରେ ସାଧୁସନ୍ଥ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଅପୂର୍ବ ମିଳନର ସ୍ଥଳ ହେଉଛି ମହାକୁମ୍ଭ ମେଳା। ଯାହାର ଅନ୍ୟତମ ଆକର୍ଷଣ ହେଉଛନ୍ତି ସାଧୁ, ସନ୍ନ୍ୟାସୀ ଓ ବାବାମାନେ। ଯେଉଁମାନଙ୍କ ମଧ୍ୟରୁ କିଏ ନିଜର ଅଜବ କାର୍ଯ୍ୟ କଳାପ ପାଇଁ ତ କିଏ ଅଦ୍ଭୁତ ବେଶ ପୋଷାକ ଓ ବିବାଦୀୟ ମନ୍ତବ୍ୟ ପାଇଁ ହେଉଛନ୍ତି ଭାଇରାଲ। ତେଣୁ ଏଭଳି ଏକ ନିଆରା ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'କୁମ୍ଭମେଳାରେ ଭାଇରାଲ୍ ବାବା' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା।

*– ମନସ୍ୱିନୀ ଧଳ, ଫୁଲବାଣୀ*

* ସଙ୍ଗମ ନଗରୀ ପ୍ରୟାଗରାଜରେ ଚାଲିଛି ମହାକୁମ୍ଭ ମେଳା। ଆସ୍ଥା, ବିଶ୍ୱାସ ଓ ଧର୍ମୀୟ ଭାବନାର ମହାକୁଣ୍ଡ ପାଲଟିଛି ପ୍ରୟାଗରାଜ। ସାଧୁସନ୍ଥ, ଭକ୍ତ, ଶ୍ରଦ୍ଧାଳୁଙ୍କ ଅପୂର୍ବ ମିଳନ ହେଉଛି ଏଇଠି। ତା'ସହ ଭିନ୍ନ ଭିନ୍ନ ସ୍ୱରୂପର ବାବା ପାଲଟିଛନ୍ତି ଆକର୍ଷଣର କେନ୍ଦ୍ର; ଯାହାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ନିଆରା ହେବା ସହ ଆଶ୍ଚର୍ଯ୍ୟକର ଲାଗୁଥିଲା। 'କେଉଁଠି ରଖିବେ ମାତା ସରସ୍ୱତୀଙ୍କ ମୂର୍ତ୍ତି', 'ଲୁଣ ପାଣିରେ ଘର ପୋଛୁଥିଲେ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ଶଙ୍କର ପରିଡ଼ା, ପୁରୀ*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ଗାୟକ କରୁଣାକରଙ୍କ ଜୀବନି ବିଷୟରେ ବହୁତ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ସତ୍ କାମନା' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାରେ ସ୍ଥାନିତ ସୋନମଙ୍କ ଫଟୋଟି ଖୁବ୍ ସୁନ୍ଦର ହୋଇଥିଲା।

*– ବିଶ୍ୱଜିତ୍ ମହାନ୍ତି, ପିପିଲି*

* କବି ଜୟଦେବ ବେହେରାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ଖୁବ୍ ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍ ଭରା ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଟ୍ରେଣ୍ଡି ଶୁଜ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*– ମିସେସ୍ ସାହୁ, ମୟୂରଭଞ୍ଜ*

* ସହର ପୃଷ୍ଠାରୁ ପନାଚିକ୍କଡ଼ ସରସ୍ୱତୀ ମନ୍ଦିର ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ଅର୍ପିତା ବେଶ୍ ସୁନ୍ଦରୀ ଲାଗୁଥିଲେ। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଯନ୍ତ୍ରର ଦୋଷ' ଶୀର୍ଷକ ପାଠଟି ବି ଶିକ୍ଷଣୀୟ ହୋଇଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପାହାଡ଼ରେ ଝୁଲି ରହିଛି ମନ୍ଦିର', 'ଅଣ୍ଡା ମସାଜ୍', 'ବିନା ବିଜୁଳିରେ ଆଲୋକିତ ଏହି ହୋଟେଲ' ଆଦି ପାଠଗୁଡ଼ିକ ଆଶ୍ଚର୍ଯ୍ୟକର ହେବା ସହ ବେଶ୍ ନିଆରା ଥିଲା ପଢିବାକୁ।

*– ଧନଞ୍ଜୟ ପ୍ରଧାନ, କଟକ*




## ବିଶେଷ ଚିଠି

କୁମ୍ଭମେଳାରେ ଭାଇରାଲ୍ ବାବା
ଥିଲା ଏଥରର ତୁମ ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ଆନନ୍ଦ ବି ସେମିତି।
ତା'ସାଙ୍ଗକୁ ମନଛୁଆଁ ଥିଲା
ତୁମ ସାଥୀର ଉତ୍ତର,
ମନ କିଣି ନେଉଥିଲା ପୁଣି
ତୁମ ପ୍ରଥମ ରୋଜଗାର।
ସତରେ ହେ ପ୍ରିୟ ଛୁଟିଦିନ
ତୁମ ସବୁ ପୃଷ୍ଠା ଲାଗେ
ସବୁଠୁ ସୁନ୍ଦର ଆଉ
ସବୁଠୁ ନୂତନ।

*– ଭବାନୀ ପାଟଯୋଷୀ, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

## ଐତିହ୍ୟର ଗାଁ

# କୁମାରାଙ୍ଗ ଶାସନ



ଏମିତି ଏକ ଗାଁ, ପ୍ରତିଦିନ ପ୍ରାତଃକାଳରେ ମନ୍ଦିରରୁ ଶୁଭୁଥାଏ ଘଣ୍ଟଘଣ୍ଟିର ନିନାଦ। ପଣ୍ଡିତଙ୍କ ମନ୍ତ୍ରଧ୍ୱନିରେ ମୁଖରିତ ହୁଏ ସକାଳ। ପୁଣି ସଞ୍ଜ ନଇଁଲେ ଶୁଭେ ଭାଗବତ ପାଠ। ଖୋର୍ଦ୍ଧା ଜିଲାର ବାଣପୁର ବ୍ଲକ ଅନ୍ତର୍ଗତ ଏହି ଗାଁକୁ ଗୋଦାବରୀଶଙ୍କ ଗାଁ ବୋଲି ବି କୁହାଯାଏ। ଗୋଦାବରୀଶ ମହାପାତ୍ର ଯିଏ ଥିଲେ ଏକାଧାରରେ କବି, ଗାଳ୍ପିକ, ଔପନ୍ୟାସିକ, ଶିଶୁ ସାହିତ୍ୟିକ, ଅନୁବାଦକ ଓ ସମ୍ପାଦକ। ନିଆଁଖୁଣ୍ଟାର ସମ୍ପାଦନ ପାଇଁ ଯିଏ ଚିର ସ୍ମରଣୀୟ। ଓଡ଼ିଶାର ସମକାଳୀନ ରାଜନୈତିକ ଅବସ୍ଥା ଯେତେବେଳେ ଅତ୍ୟନ୍ତ ଶୋଚନୀୟ ସେତେବେଳେ ତାଙ୍କର ଜନ୍ମ। ତାଙ୍କ ରଚିତ କାଳଜୟୀ କବିତା ‘ଦୁର୍ଗମ ଗିରି ଦୁର୍ଗପ୍ରାଚୀର ଜୀର୍ଣ୍ଣଦୁଆରେ ବସି– ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ ଜାଗ୍ରତ ପୁରବାସୀ..’। ଏତିକି ନୁହେଁ ମାଗୁଣିର ଶଗଡ଼ ଓ ନୀଳ ମାଷ୍ଟ୍ରାଣୀ ଭଳି କାଳଜୟୀ ଗପର ରଚୟୀତା ମଧ୍ୟ ସେ। ସେତେବେଳର ସାମାଜିକ ବ୍ୟବସ୍ଥାକୁ ନେଇ ସେ ଲେଖିଥିଲେ ଏହି ଦୁଇଟି କାଳଜୟୀ ଗପ। କେବଳ ଗୋଦାବରୀଶ ମହାପାତ୍ର ନୁହନ୍ତି ଏହି ଗାଁ ଜନ୍ମ ଦେଇଛି ଅନେକ ବିଦ୍ୱାନ, ପଣ୍ଡିତ ଓ ସ୍ୱାଧିନତା ସଂଗ୍ରାମୀ,ଶିକ୍ଷାବିତ୍, ଚିକିତ୍ସକ, ପ୍ରଶାସକ, ବିଚାରକ, ସମାଜ ସଂସ୍କାରକଙ୍କୁ। ଏହି ଐତିହ୍ୟ ଓ କଳାସଂସ୍କୃତିସମ୍ପନ୍ନ ଗାଁର ନାଁ **କୁମାରାଙ୍ଗ ଶାସନ**।

**ସେଦିନ କୁମାରାଙ୍ଗରେ:** ମାଘ ମାସର ଶେଷ ରବିବାର। ମଧ୍ୟାହ୍ନ ସମୟ। ୧୬ନଂ ଜାତୀୟ ରାଜପଥରେ ବାଲୁଗାଁ ବାଇପାସ୍ ରାସ୍ତାର ଓଭର ବ୍ରିଜ୍‌ଠାରୁ ବିଏସ୍‌ଏନ୍‌ଏଲ୍ ଅଫିସ ଛକ ଦେଇ ବାଣପୁର ରାସ୍ତାରେ ପ୍ରାୟ ୫କିମି ଦୂର ଯିବା ପରେ ପଡ଼ିଲା ବାଣପୁର। ଯେଉଁଠି ମା’ଭଗବତୀଙ୍କ ପବିତ୍ରପୀଠ ଅବସ୍ଥିତ। ଏହି ବାଣପୁର ଅଞ୍ଚଳ ଓଡ଼ିଶାର ଐତିହ୍ୟ ଓ ସାଂସ୍କୃତିକ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ସେଦିନ କଲେଜଛକ ରାସ୍ତାରେ କିଛିଦୂର ଯିବା ପରେ ପଡ଼ିଲା କୁମାରାଙ୍ଗ ଛକ। ଏଠାରୁ ପ୍ରାୟ ଦେଢ଼କିମି ଦୂର କୁମାରାଙ୍ଗ ଶାସନ। ପୂର୍ବରୁ ବାଟରେ ଅପେକ୍ଷାକରି ରହିଥିଲେ ଏହି ଗାଁର ମିତ୍ରଭାଇନା। ତାଙ୍କ ସହିତ ଗାଁ ରାସ୍ତାର ଯିବାବେଳେ ନଜର ପଡୁଥାଏ ରାସ୍ତାର ଦୁଇ କଡ଼ରେ ଛିଡ଼ାହୋଇଥିବା କେତୋଟି ତାଳଗଛ। ଫସଲକଟା ସରିଥିବା ଧାନବିଲ। ଅନତି ଦୂରରେ ଆକାଶକୁ ମଥାଟେକି ରହିଥାଏ ଭାଲେରି ଓ ଘଣ୍ଟଶିଳା ମୁଣ୍ଡିଆ। ଯାହାଥିଲା ବହିରେ ଦେଖିଥିବା ସୁନ୍ଦର ଏକ ପଲ୍ଲୀର ଚିତ୍ର। ଗାଁରେ ପହଞ୍ଚିଲାବେଳକୁ ସମୟ ପ୍ରାୟ ଅପରାହ୍ନ। ଏହି ଶାସନ ଭିତରକୁ ପ୍ରବେଶ ମାତ୍ରେ ଦୃଷ୍ଟିଗୋଚର ହେଲା, ପ୍ରତ୍ୟେକଙ୍କ ଘର ସମ୍ମୁଖରେ ଗୋଟେଗୋଟେ ବେଦୀ। ଗାଁସାରା ନଡ଼ିଆ, ଗୁଆ ଗଛରେ ଭର୍ତ୍ତି। ଗାଁର ଗୋଟିଏ ପଟେ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର, ଆଉ ଗୋଟିଏ ପଟେ ଜଟିଆବୁଢା ମଣ୍ଡପ, ବୁଢୀ ସାଆନ୍ତାଣୀ, ପଶ୍ଚିମପଟେ ସାଥୀ ଭଉଣୀ, ପୂର୍ବରେ ଭୈରବଦେବଙ୍କ ପୀଠ। ଗାଁ ମଝିରେ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ତା’ ପାଖକୁ ଲାଗିରହିଛି ୧୨୮ବର୍ଷର ଏକ ପୁରାତନ ପାଠାଗାର, ଯାହା କୁମାର ପାଠାଗାର ନାଁରେ ପରିଚିତ। ଏହି ପାଠାଗାର ସମ୍ମୁଖରେ ରହିଛି ସାହିତ୍ୟ ସ୍ରଷ୍ଟା, ଯଶସ୍ୱୀ ସାମ୍ବାଦିକ ଓ ବିପ୍ଳବୀ କବି ତଥା ନିଆଁଖୁଣ୍ଟାର ପ୍ରତିଷ୍ଠାତା ସମ୍ପାଦକ ଗୋଦାବରୀଶ ମହାପାତ୍ରଙ୍କ ବାସଭବନ। ତାଙ୍କ ଘର କାନ୍ଥରେ ନିଆଁଖୁଣ୍ଟାର ପ୍ରତିଷ୍ଠାତା **କବି ଗୋଦାବରୀଶ ମହାପାତ୍ରଙ୍କ** ନାମ ଲେଖା ଥିବା ଏକ ଫଳକ ଏବେ ବି ରହିଛି। ଗାଁରେ ଭେଟହୋଇଥିଲୁ ଗୋଦାବରୀଶ ମହାପାତ୍ରଙ୍କ ପୁତୁରା ଭୁବନେଶ୍ୱର ମହାପାତ୍ରଙ୍କୁ। ଗୋଦାବରୀଶଙ୍କ ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କହିଲେ, ‘ମୋ କକେଇ ଥିଲେ ଜଣେ ରୋକ୍‌ଠୋକ୍ ମଣିଷ। ୧୮୯୮ମସିହା ଅକ୍ଟୋବର ମାସରେ ଏହି ଶାସନରେ ଦୟାନିଧି ମହାପାତ୍ର ଓ ଗେହ୍ଲୀ ଦେବୀଙ୍କ କୋଳମଣ୍ଡନ କରିଥିଲେ ଗୋଦାବରୀଶ। ୧୯୧୪ ମସିହାରେ ସେ ମାଇନର ପଢୁଥିବାବେଳେ ବାଣପୁର ନାମକ ଏକ କବିତା ଲେଖିଥିଲେ। ଏହା ତାଙ୍କ କବିତ୍ୱର ପରିଚୟ ଦେଇଥିଲା। ୧୯୧୫ରେ ସତ୍ୟବାଦୀରେ ପଢିଲେ। ୧୯୨୬ରୁ ୧୯୨୭ ଯାଏ ପୁରୀ, ବାଲେଶ୍ୱରରେ ବନ୍ୟା ଓ ଦୁର୍ଭିକ୍ଷ ପ୍ରପିଡ଼ିତ ଲୋକଙ୍କ ସେବା କଲେ। ପରେ ଉତ୍କଳୀୟ ସଂସ୍କୃତିର ପ୍ରଚାର ଓ ବିକାଶ ପାଇଁ ଉଦ୍ୟମ କରିଥିଲେ। ୧୯୩୦ରେ ତାଙ୍କର ଶିକ୍ଷକତା ଆରମ୍ଭ। ୧୯୩୨ ବେଳକୁ ତାଙ୍କ କାଳଜୟୀ ‘ଉଠ କଙ୍କାଳ’ କବିତା ସହକାର ପତ୍ରିକାରେ ପ୍ରକାଶିତ ହୋଇଥିଲା। ପରେ ଦୈନିକ ଆଶା, ଉତ୍କଳ ହିତୈଷିଣୀ ଓ ସମାଜର ସମ୍ପାଦନା ବିଭାଗରେ କାର୍ଯ୍ୟକରିଥିଲେ। ପରବର୍ତ୍ତୀ ସମୟରେ ନିଆଁଖୁଣ୍ଟା ପତ୍ରିକାରେ କାର୍ଯ୍ୟକଲେ। ଏହି ପତ୍ରିକା ସେତେବେଳେ ଶାସନତାନ୍ତ୍ରିକ ଦୋଷତ୍ରୁଟିକୁ ବ୍ୟଙ୍ଗବିଦ୍ରୂପ ଦ୍ୱାରା ପଦାରେ ପକାଇ ଦେଉଥିବାରୁ ଏହାକୁ ଉଭୟ ନେତା ଓ ସରକାରୀ ଚାକିରିଆ ପ୍ରବଳ ଭୟ କରୁଥିଲେ। ତାଙ୍କର ସୃଷ୍ଟି ସମ୍ଭାର ଭାବେ ବାଣପୁର, ଉଠକଙ୍କାଳ, ବଙ୍କା ଓ ସିଧା, ନୀଳମାଷ୍ଟ୍ରାଣୀ, ମାଗୁଣିର ଶଗଡ଼, ଗରିବର ଭଗବାନ, ଏବେ ମଧ୍ୟ ବଞ୍ଚିଛି ଏମିତି ଅନେକ ଲେଖା ସେ ଲେଖିଥିଲେ। କଲମ ଥିଲା ତାଙ୍କର ହତିଆର। ୧୯୬୫ ମସିହା ନଭେମ୍ବର ୨୫ ତାରିଖରେ ଏହି ମହାନ୍ ବ୍ୟକ୍ତିତ୍ୱଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା। ଏବେ ବି ତାଙ୍କ ଜନ୍ମ ମାଟି ତାଙ୍କ କାର୍ଯ୍ୟାବଳୀର ମୂକ ସାକ୍ଷୀ ହୋଇ ରହିଛି।

**ଇତିହାସରେ କୁମାରାଙ୍ଗ ଶାସନ:** ଏହି ଗ୍ରାମର ଇତିହାସ ସମ୍ପର୍କରେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି **ସୂର୍ଯ୍ୟନାରାୟଣ ମହାପାତ୍ର** କୁହନ୍ତି, ‘ପ୍ରାୟ ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରେ ଯେବେ ପୁରୀର ରାଜା ଥିଲେ ଗଜପତି ନରସିଂହ ଦେବ ଥିଲେ ସେହି ସମୟରେ ଉକ୍ତ ଗାଁ ପ୍ରତିଷ୍ଠା ହୋଇଥିଲା ବୋଲି ଅନୁମାନ କରାଯାଏ। ଗଜପତି ନରସିଂହ ଦେବଙ୍କ ଶାସନ କାଳରେ ପୁରୀର ବୀର ନରସିଂହପୁର ଗ୍ରାମର ପଣ୍ଡିତ ଶଙ୍କର୍ଷଣ ପଇଯୋଶୀ ମହାପାତ୍ର ଜଣେ କଶ୍ୟପ ଗୋତ୍ରୀୟ ବିଞ୍ଝ ବ୍ରାହ୍ମଣ ତଥା ତାନ୍ତ୍ରିକ ଥିଲେ। କିମ୍ବଦନ୍ତୀ ଅନୁଯାୟୀ ଗଜପତି ନରସିଂହ ଦେବଙ୍କ ପୁତ୍ର କୌଣସି ଏକ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ଥିଲେ। କିନ୍ତୁ ପଣ୍ଡିତ ଶଙ୍କର୍ଷଣ ପଇଯୋଶୀ ମହାପାତ୍ର କାର୍ତ୍ତିକେୟଙ୍କ ଆରାଧନାକରି ରାଜକୁମାରଙ୍କୁ ଆରୋଗ୍ୟ କରିଥିବାରୁ ଗଜପତିଙ୍କ ଶ୍ରଦ୍ଧାଭାଜନ ହୋଇଥିଲେ। ଫଳ ସ୍ୱରୂପ ଗଜପତିଙ୍କଠାରୁ ସେ ଦାନ ସୂତ୍ରରେ ୬୦ବାଟୀ ଜମି ପ୍ରାପ୍ତ କଲେ। ଯାହାର ନାଁ ସେ କୁମାରାଙ୍ଗ ଦେଲେ। ସେ ସମୟରେ ବ୍ରାହ୍ମଣମାନେ ଯେଉଁଠାରେ ବାସ କରୁଥିଲେ ତାକୁ ଶାସନ କୁହାଯାଉଥିଲା। ତେଣୁ ଗ୍ରାମର ନାମ କୁମାରାଙ୍ଗ ଶାସନ ରହିଲା। ଏହି ଗ୍ରାମର ମୂଳ ବାସିନ୍ଦା ଶଙ୍କର୍ଷଣ ପଇଯୋଶୀ ମହାପାତ୍ର। ସେ ତାଙ୍କ ବନ୍ଧୁଜ୍ଞାତୀ କୁଟୁମ୍ବଙ୍କୁ ଆଣି ଏଠାରେ ବସବାସ କଲେ। ଏଠାରେ ତାଙ୍କର ଆରାଧ୍ୟ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ଓ ସନ୍ନିକଟରେ ଏକ ବଡ଼ ପୁଷ୍କରିଣୀ ଖନନ କରାଇଥିଲେ।

**କୁମାର ପାଠାଗାର–:** ଯେଉଁ ସମୟରେ ଓଡ଼ିଆ ଭାଷା ବଙ୍ଗଳା ଓ ହିନ୍ଦୀ ଭାଷାସହ ଲଢେଇ କରି ନିଜର ପୂର୍ବ ଅସ୍ମିତା ଫେରିପାଇବାକୁ

→






ଚେଷ୍ଟା କରୁଥିଲା, ସେହି ସମୟରେ ଏକ ଅଖ୍ୟାତ ପଲ୍ଲୀରେ ୧୯୧୨ ମସିହାରେ ଦୁଇ କିଶୋର ବନ୍ଧୁ କବି ଗୋଦାବରୀଶ ମହାପାତ୍ର ଓ ଶିକ୍ଷକ ଜଗନ୍ନାଥ ମହାପାତ୍ରଙ୍କ ଦ୍ୱାରା କୁମାର ପୂର୍ଣ୍ଣିମା ଅବସରରେ କୁମାରାଙ୍ଗ ଶାସନରେ ଗୋଟେ କାଠ ଆଲମାରିରେ ସଂଗୃହୀତ କିଛି ବହିକୁ ନେଇ ଗଢିଥିଲେ 'କୁମାର ପାଠାଗାର'। ସେତେବେଳେ ସକାଳରୁ ସଞ୍ଜ ଏହି ପାଠାଗାର ଖୋଲା ରହୁଥିଲା। ସେବେଠାରୁ ଏହି ପାଠାଗାର ଗ୍ରାମ୍ୟ ଅଞ୍ଚଳର କଳା, ସଂସ୍କୃତି, ସାହିତ୍ୟ ଓ ଶିକ୍ଷାର ବିକାଶ ଦିଗରେ କାର୍ଯ୍ୟ କରିଆସୁଛି। ପାଠାଗାରର ସଭାପତି କଲୋନେଲ ଶ୍ରୀକାନ୍ତ ମହାପାତ୍ର କୁହନ୍ତି,' ଏହି ପାଠାଗାର ଆମ ଗାଁର ଗୌରବ। ପାଠାଗାର ତରଫରୁ 'ଶିଶୁ' ନାମକ ଏକ ମୁଖପତ୍ର ପ୍ରକାଶ ପାଉଥିଲା। ଗ୍ରାମର ସତ୍ୟନାରାୟଣ ମହାପାତ୍ର, ରଘୁନାଥ ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର,ଲୋକନାଥ ମହାପାତ୍ର ପ୍ରମୁଖ ଛାତ୍ରମାନେ ପାଠାଗାରକୁ ପରିଚାଳନା କରୁଥିଲେ। ସେ ସମୟରେ ଦାଶରଥି ସାର୍‌ଙ୍କ ଘରେ ପାଠାଗାର ରହିଥିଲା। ବସନ୍ତ ନାମକ ଏକ ପତ୍ରିକା ମଧ୍ୟ ପ୍ରକାଶ ପାଉଥିଲା। ୧୯୩୭ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଅନୁରୋଧକ୍ରମେ ଶିକ୍ଷାବିତ୍ ଜଗନ୍ନାଥ ମହାପାତ୍ର ବାଣପୁରରେ ଗୋଦାବରୀଶ ବିଦ୍ୟାପୀଠରେ ଶିକ୍ଷକତା କରିବା ସହିତ ଏହି ପାଠାଗାରର ସମସ୍ତ ଦାୟିତ୍ୱ ବହନ କଲେ। ସେହିବର୍ଷ ଏହି ପାଠାଗାରର ୨୫ବର୍ଷ ରୌପ୍ୟ ଜୟନ୍ତୀ ପାଳନ କରିଥିଲା। ଗାଁ ତରଫରୁ କୁମାର ପାଠାଗାରକୁ ସ୍ଥାୟୀ ଘରଟିଏ ମିଳିଲା। କବି ଗୋଦାବରୀଶ ଓ ଶିକ୍ଷାବିତ୍ ଜଗନ୍ନାଥଙ୍କ ପ୍ରେରଣାରେ ଶଙ୍କର ଷଡଙ୍ଗୀ, ଶ୍ରୀଧର ମହାପାତ୍ର, ହରିହର ମହାପାତ୍ର ଓ ଭାସ୍କର ଷଡ଼ଙ୍ଗୀଙ୍କ ସମେତ ଗ୍ରାମର ସବୁ ଯୁବକ ପାଠାଗାରକୁ ସ୍ଥାୟିତ୍ୱ କରାଇଥିଲେ। ଗ୍ରାମବାସୀଙ୍କ ସହଯୋଗରେ ମାଟିଳିପା ଚଟାଣ କାନ୍ଥ ଓ ଟାଳଛପର ଘରଟିଏ ତିଆରି ହୋଇଥିଲା। ୧୯୪୮ ମସିହା ଅକ୍ଟୋବର ୧ରୁ ଏହି ପାଠାଗାରରୁ ହିଁ 'ନିଆଁଖୁଣ୍ଟା' ଗୋବରୀଶଙ୍କ ଉଦ୍ୟମରେ ଡାକଘର ଆରମ୍ଭ ହୋଇଥିଲା। କବିରାଜ ରଘୁନାଥ ମହାପାତ୍ର ଏହାର ଦାୟିତ୍ୱ ବହନ କରିଥିଲେ। ୧୯୬୨ ମସିହାରେ ପାଠାଗାର ସୁବର୍ଣ୍ଣ ଜୟନ୍ତୀ ପାଳନ କଲା ଓ ସେହିବର୍ଷ ଏହା ପଞ୍ଜୀକୃତ ହୋଇଥିଲା। ଏହି ପାଠାଗାରରେ ଥିବା ଏକ ପରିଦର୍ଶିକା ପୁସ୍ତକ ଯେଉଁଥିରେ କି ୧୯୩୭ ମସିହାଠାରୁ ଏଯାଏ ଏଠାକୁ ଆସୁଥିବା ଦେଶବିଦେଶର ବହୁ ବିଜ୍ଞ ବ୍ୟକ୍ତି, ସ୍ୱାଧିନତା ସଂଗ୍ରାମୀ ଓ ରାଜନେତା ଆଦିଙ୍କର ମତାମତ ଲିଖିତଆକାରରେ ଅଛି। ଏହି ଗାଁର ଯିଏ ଯେତେ ଦୂରରେ ରହୁଥିଲେ ମଧ୍ୟ ପ୍ରତିବର୍ଷ କୁମାର ଉତ୍ସବ ଅବସରରେ ସମସ୍ତେ ଗାଁକୁ ଫେରିଥାନ୍ତି। ଗାଁର ସବୁ ପିଢିର ବ୍ୟକ୍ତିମାନେ ଏକାଠି କୁମାର ପାଠାଗାର ଉତ୍ସବକୁ ପାଳନ କରିଥାନ୍ତି। ସମସ୍ତେ ନୂଆ ଲୁଗା ପରିଧାନ କରିଥାନ୍ତି। ଆଧ୍ୟାତ୍ମିକ, ସୃଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯାଇଥାଏ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥାଏ। ସ୍ମରଣିକା 'କୁମାର' ଉନ୍ମୋଚନ ହୋଇଥାଏ। ଏହା ଦ୍ୱାରା ଗାଁର ଭାଇଚାରା ବଢିଥାଏ। ଏଥିରେ ଯୋଗଦେବାକୁ ବିଭିନ୍ନ ସ୍ଥାନରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସିଥାନ୍ତି। ଏହି ପାଠାଗାର ଏବେ ଶତାୟୁ ଟପିସାରିଲାଣି। ଏଠାରେ ଅନେକ ଦୁର୍ମୂଲ୍ୟ ପୁସ୍ତକ, ପତ୍ରପତ୍ରିକା ରହିଛି । ଅତିତରେ ଏହି ପାଠାଗାରକୁ ସୁଚାରୁରୂପେ ପରିଚାଳନା ପାଇଁ ପାଠାଗାରର ପୂର୍ବତନ ସଂପାଦକ ବିଭୁପ୍ରସାଦ ମହାପାତ୍ର, ବାବାଜୀ ମହାପାତ୍ର,ଡ଼.ଦିବ୍ୟସିଂହ ମିଶ୍ର, ଶିକ୍ଷକ ଶଙ୍କରର୍ଷଣ ମହାପାତ୍ର ପ୍ରମୁଖଙ୍କ ଉଦ୍ୟମ ଥିଲା ପ୍ରଶଂସନୀୟ।'

ଏହି ଗାଁର ଏକ ସ୍ୱତନ୍ତ୍ରତା ହେଲା କୌଣସି ଘଟଣାରେ କେହି ହଠାତ୍ ଥାନାର ଦ୍ୱାରସ୍ଥ ହେବାକୁ ଇଚ୍ଛା କରନ୍ତି ନାହିଁ। ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣାରେ ସବୁ ଠିକ୍‌ଠାକ୍ ହୋଇଯାଇଥାଏ। ସେହିପରି ଏହି ଗ୍ରାମର ବାସିନ୍ଦା ଦେବେନ୍ଦ୍ର ପ୍ରସାଦ ମହାପାତ୍ର ନିଜ ଗାଁ ସମ୍ପର୍କରେ କୁହନ୍ତି, 'ସାହି ଭିତରେ ରହିଛି ଡାକଘର, ୧୮୯୮ମସିହାରେ ସ୍ଥାପିତ କୁମାରାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ୧୯୮୪ ମସିହାରେ ସ୍ଥାପିତ ନୀଳକଣ୍ଠେଶ୍ୱର ବିଦ୍ୟାପୀଠ, ଶଙ୍କର୍ଷଣ ସରକାରୀ ଉ.ପ୍ରା. ବିଦ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଚିକିତ୍ସାକେନ୍ଦ୍ର, ପାନୀୟଜଳ ଯୋଗାଣ ଗୃହ, ବଡ଼ପୋଖରୀ, ମରଗାଡ଼ିଆ ଆଦି ରହିଛି। ଏହି ଶାସନର ଅନତି ଦୂରରେ ବହିଯାଇଛି ଶାଳିଆ ନଈ। କେନାଲର ଜଳଦ୍ୱାରା ଚାଷୀମାନେ ବିଭିନ୍ନ ଫସଲ କରିଥାନ୍ତି । ' ସେମିତି ଆଉ ଜଣେ ବ୍ୟକ୍ତି ପ୍ରିୟବ୍ରତ ମହାପାତ୍ର କୁହନ୍ତି, 'ଆମ ଗାଁରେ ଅନେକ ସୁନାମଧନ୍ୟ ବ୍ୟକ୍ତି ଅଛନ୍ତି । ବିଚାରପତି ଆଦିତ୍ୟ ପ୍ରସାଦ ମହାପାତ୍ର, ସେହିପରି ଉଚ୍ଚପଦାଧିକାରୀଙ୍କ ମଧ୍ୟରେ, ଓ.ଏ.ଏସ କୃତ୍ତିବାସ ମହାପାତ୍ର, ନନ୍ଦକିଶୋର ମହାପାତ୍ର, ପୁସ୍ତକ ପ୍ରକାଶକଭାବେ ଶାରଦା ଭବନର ଭିକାରୀ ଚରଣ ମହାପାତ୍ର, ଶାରଦାକାନ୍ତ ମହାପାତ୍ର,ଶ୍ରୀବତ୍ସ ମହାପାତ୍ର, ଗ୍ରନ୍ଥମନ୍ଦିରର ପ୍ରତିଷ୍ଠାତା ଶ୍ରୀଧର ମହାପାତ୍ର, ଚଣ୍ଡିପୁସ୍ତକାଳୟର ଗୋବର୍ଦ୍ଧନ ମହାପାତ୍ର, ସାମ୍ବାଦିକ ସତ୍ୟନାରାୟଣ ମହାପାତ୍ର, ଶିବରାମ ମହପାତ୍ର,ଆଇ.ଏ.ଏସ ପ୍ରଭାତ କୁମାର ମହାପାତ୍ରଙ୍କ ବ୍ୟତିତ ଡ଼.ଯାମିନୀକାନ୍ତ ମହାପାତ୍ର, ଅନ୍ୟପକ୍ଷେ ବୈଦ୍ୟ ନୀଳକଣ୍ଠ ମହାପାତ୍ର, ଦାମୋଦର ମହାପାତ୍ର, କବିରାଜ ରଘୁନାଥ ମହାପାତ୍ର ପ୍ରମୁଖ ସଂସ୍କୃତ ଆଚାର୍ଯ୍ୟ ଉପାଧି ଲାଭ କରିଥିଲେ। ଏହି ଗ୍ରାମର ସନତ ମହାପାତ୍ର କୁହନ୍ତି,'ଆମ ଗାଁକୁ ଅନେକଲୋକ ପଣ୍ଡିତ ଓ ଶିକ୍ଷକଙ୍କ ଗାଁ ବୋଲି କୁହନ୍ତି । ପୂର୍ବରୁ ଥିଲେ ଶିକ୍ଷକ ଜଗନ୍ନାଥ ମହାପାତ୍ର, ବାସୁଦେବ ମହାପାତ୍ର, ନୀଳକଣ୍ଠ ମହାପାତ୍ର, ଦାଶରଥୀ ମହାପାତ୍ର, ସୁଦର୍ଶନ ମହାପାତ୍ର, ଆନନ୍ଦ ମହାପାତ୍ର, ନୀଳାମ୍ବର ମହାପାତ୍ର,ସତ୍ୟବାଦୀ ମହାପାତ୍ର, ବାନାମ୍ବର ମହାପାତ୍ର, ଓ ରାମକୃଷ୍ଣ ମହାପାତ୍ର । ବର୍ତ୍ତମାନ ବୈକୁଣ୍ଠନାଥ ରଥ, ଭୁବନେଶ୍ୱର ମହାପାତ୍ର, ବ୍ୟଙ୍ଗକବି ଡ଼. ରମାକାନ୍ତ ମହାପାତ୍ର, ଶ୍ରୀହର୍ଷ ମହାପାତ୍ର, ମିହିର ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର, ସଞ୍ଜିତ ମହାପାତ୍ର ଓ ଦେବେନ୍ଦ୍ରପ୍ରସାଦ ମହାପାତ୍ର ପ୍ରମୁଖ ଅଛନ୍ତି।'



ଅନ୍ୟପକ୍ଷେ ଗାଁରେ ମାଘ ମାସରେ ଭୈରବଙ୍କପୀଠରେ ମାଘ ଜନ୍ତାଳ ହୁଏ ସେହିପରି ଚୈତ୍ରମାସରେ ସାଥୀଭଉଣୀଙ୍କ ପୀଠରେ ଜନ୍ତାଳ ହୋଇଥାଏ। ନୀଳକଣ୍ଠଦେବଙ୍କ ଆମ୍ବ ତୋଟାରେ ଏବଂ ଭାଲେରୀପାହାଡ଼ ପାଦ ଦେଶରେ ବଣଭୋଜି ହୋଇଥାଏ। ପାଠାଗାର ସଂପାଦକ ଗୋକୁଳାଚନ୍ଦ୍ର ମହାପାତ୍ର କୁହନ୍ତି-ଗାଁରେ ଲୋକସଂଖ୍ୟା ପ୍ରାୟ ୫ଶହ ହେବ । ଘର ଅନ୍ୟୂନ ଶହେ ହେବ। ସମସ୍ତେ ଉଚ୍ଚଶିକ୍ଷିତ। ଗାଁର ପର୍ବପର୍ବାଣୀ କହିଲେ ବିଶେଷକରି ପଣାସଂକ୍ରାନ୍ତି, ଜାଗର, କୁମାର ଉତ୍ସବ , ଦଶହରା ସମେତ ଅନ୍ୟାନ୍ୟ ହିନ୍ଦୁ ପର୍ବପର୍ବାଣୀ ପାଳନ କରାଯାଇଥାଏ। ପୁଣି ବିଭିନ୍ନ ଜାତୀୟ ଦିବସ ଆଦି ପାଳନ କରାଯାଇଥାଏ।

ପ୍ରାକୃତିକ ଶୋଭାରେ ମଣ୍ଡିତ ଏହି ଗାଁ ବାଣପୁର ଅଞ୍ଚଳରେ କାଳି, କଲମ, ଅସି, ତୂଳୀର ମାଟିଭାବରେ ପରିଚିତ। କବି, କଳାକାର, ଶିଳ୍ପୀ, ନାଟ୍ୟକାର, ବିପ୍ଳବୀ, ସଂଗ୍ରାମୀଙ୍କର ଏହା ହେଉଛି ଜନ୍ମମାଟି। ଆଉ ସବୁଠୁ ବଡ଼ କଥା ହେଲା କୁମାରାଙ୍ଗ ଶାସନର ଐତିହ୍ୟକୁ ଏବେବି ସମସ୍ତେ ଅକ୍ଷୁର୍ଣ୍ଣ ରଖିବାକୁ ଚେଷ୍ଟା କରୁଛନ୍ତି।

-ବନବିହାରୀ ବେହେରା



# ଫ୍ରକ୍ ଷ୍ଟାଇଲ୍ ଟପ୍ସ





**ଫ୍ରକ୍‌ର ଫ୍ୟାଶନ କେବେ ବି ଆଉଟ୍ ଅଫ୍ ଟ୍ରେଣ୍ଡ ହୁଏ ନାହିଁ ଏହା ଝିଅମାନଙ୍କୁ ଟିକେ ୟଙ୍ଗ୍ ଲୁକ୍ ଦେଇଥାଏ। ସେଥିପାଇଁ ଏହାର ଡିମାଣ୍ଡ ସବୁବେଳେ ରହିଥାଏ। ଏବେ ତ ଫ୍ରକ୍ ଷ୍ଟାଇଲ୍ ଟପ୍ସର ବି ବେଶ୍ ଚାହିଦା ଦେଖିବାକୁ ମିଳୁଛି। ଖାସ୍‌କରି ଜିନ୍ସ ପ୍ୟାଣ୍ଟ ସାଙ୍ଗକୁ ଏହି ଟାଇପ୍‌ର ଟପ୍ସ ବେଶ୍ ଭଲ ଲାଗୁଛି। ତେବେ ଏହି ଫ୍ରକ୍ ଷ୍ଟାଇଲ୍ ଟପ୍ସର କ'ଣ ସବୁ ଲାଟେଷ୍ଟ ଡିଜାଇନ ରହିଛି, ଜାଣନ୍ତୁ ସେ ସମ୍ପର୍କରେ...**

ଏହି ଟପ୍ସଗୁଡ଼ିକର ଡିଜାଇନ୍ ଦେଖିବାକୁ ଫ୍ରକ୍ ଷ୍ଟାଇଲ୍‌ର ହୋଇଥାଏ, କିନ୍ତୁ ଏଥିରୁ କିଛି ଟପ୍ସର ଲମ୍ଵା ଅଣ୍ଟା ପର୍ଯ୍ୟନ୍ତ ରହିଥାଏ ତ ଆଉ କିଛିର ଲମ୍ଵା ଜଙ୍ଘ ପର୍ଯ୍ୟନ୍ତ ରହିଥାଏ। ଯେଉଁଥିପାଇଁ ଏହାକୁ ଖାଲିରେ ନ ପିନ୍ଧି ଜିନ୍ସ ପ୍ୟାଣ୍ଟ ଉପରେ ପିନ୍ଧିଲେ ଲୁକ୍ ସୋବର୍ ଲାଗିବା ସହ ସ୍ମାର୍ଟ ବି ଲାଗେ। ଏହି ଟପ୍ସଗୁଡ଼ିକର ଘେର ଷ୍ଟାଇଲ୍ ହିଁ ଏହାକୁ ଅନ୍ୟମାନଙ୍କଠାରୁ ଡିଫରେଣ୍ଟ କରିଥାଏ। ତେବେ କେଉଁ ଡିଜାଇନ୍‌ର ଫ୍ରକ୍ ଷ୍ଟାଇଲ୍ ଟପ୍ସକୁ କିପରି କ୍ୟାରି କଲେ ଲୁକ୍ ଅଧିକ ଆକର୍ଷଣୀୟ ଦେଖାଯିବ, ସେ ନେଇ କିଛି ଟିପ୍ସ...

**✲ ପ୍ରିଣ୍ଟେଡ୍ ଫ୍ରକ୍ ଟପ୍ସ:** ଜିନ୍ସ ପ୍ୟାଣ୍ଟ ସାଙ୍ଗକୁ ପ୍ରିଣ୍ଟେଡ୍ ଡିଜାଇନ୍‌ର ଫ୍ରକ୍ ଷ୍ଟାଇଲ୍ ଟପ୍ସ ପିନ୍ଧିଲେ ଟିକେ ଡିଫରେଣ୍ଟ ଲୁକ୍ ମିଳିଥାଏ। ବିଭିନ୍ନ ନେକ୍ ଡିଜାଇନ୍‌ରେ ଆସୁଥିବା ଏହି ଟପ୍ସକୁ ଖାସ୍‌କରି ହ୍ଵାଇଟ୍ କଲର ଜିନ୍ସ ପ୍ୟାଣ୍ଟ ସାଙ୍ଗେ ପିନ୍ଧିଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗେ। ଆଉ ଯଦି ଏହି ଟାଇପ୍‌ର ଟପ୍ସରେ ପଫ୍ ସ୍ଲିଭ୍ସର କାମ ହୋଇଥାଏ, ତା'ହେଲେ ତ ଲୁକ୍ ଆହୁରି ସୁନ୍ଦର ଦେଖାଯାଇଥାଏ।

**✲ ଫ୍ଲୋରାଲ ପ୍ରିଣ୍ଟ ଫ୍ରକ୍ ଟପ୍ସ:** ସ୍ଲିଭ୍‌ଲେସ୍ ହେଉ କି ପଫ୍ ସ୍ଲିଭ୍ ଡିଜାଇନ୍‌ରେ ଆସୁଥିବା ଫ୍ଲୋରାଲ ପ୍ରିଣ୍ଟର ଫ୍ରକ୍ ଷ୍ଟାଇଲ୍ ଟପ୍ସକୁ ବି ଜିନ୍ସ ପ୍ୟାଣ୍ଟ ସାଙ୍ଗେ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ଏହି ଷ୍ଟାଇଲ୍ ସାଙ୍ଗକୁ ଚୁଟି ଖୋଲା ରଖି ହାଲ୍‌କା ଜୁଏଲେରି ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳେ।

**✲ ଏମ୍ବ୍ରୋଡୋରି ୱାର୍କ ବାଲା ଫ୍ରକ୍ ଟପ୍ସ:** ଏମ୍ବ୍ରୋଡୋରି କାମ ହୋଇଥିବା ଫ୍ରକ୍ ଷ୍ଟାଇଲ୍ ଟପ୍ସକୁ ବି ଜିନ୍ସ ସାଙ୍ଗେ ପିନ୍ଧିଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳେ। ଖାସ୍ କରି ହ୍ଵାଇଟ୍ କଲରର ଜିନ୍ସ ସାଙ୍ଗକୁ ତ ଏହା ପର୍‌ଫେକ୍ଟ ମ୍ୟାଚ୍ କରିଥାଏ। ଏ ଟାଇପ୍‌ର ଆଉଟ୍‌ଫିଟ୍ ସାଙ୍ଗକୁ ଅକ୍ସିଡାଇଜ୍ଡ ଜୁଏଲେରି ଖୁବ୍ ସୁନ୍ଦର ମାନିଥାଏ।




**✲ ପୋଲ୍‌କା ଡଟ୍ ପ୍ରିଣ୍ଟ ବାଲା ଫ୍ରକ୍ ଟପ୍ସ:** ପୋଲ୍‌କା ଡଟ୍‌ର ଫ୍ୟାଶନ କେବେ ବି ଆଉଟ୍ ଅଫ୍ ଟ୍ରେଣ୍ଡ ହୁଏ ନାହିଁ। ଏହା ଝିଅମାନଙ୍କୁ ସବୁବେଳେ ମଡର୍ନ ଲୁକ୍ ଦେଇଥାଏ। ଏବେ ତ ଏହି ପ୍ରିଣ୍ଟର ଫ୍ରକ୍ ଷ୍ଟାଇଲ୍ ଟପ୍ସ ବି ଆସିଗଲାଣି ; ଯାହାକୁ ଜିନ୍ସ ପ୍ୟାଣ୍ଟ ସାଙ୍ଗେ ଆରାମରେ କ୍ୟାରିକରି ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ପାଇହେବ। ଅଫିସ୍ ହେଉ କି ଆଉଟିଂ ସବୁଆଡ଼େ ଏହାକୁ ପିନ୍ଧି ଯାଇହେବ।

**✲ ପ୍ଲେନ୍ ଫ୍ରକ୍ ଟପ୍ସ:** ଯେକୌଣସି ସିଙ୍ଗିଲ୍ କଲରର ପ୍ଲେନ୍ ଫ୍ରକ୍ ଷ୍ଟାଇଲ୍ ଟପ୍ସକୁ ବି ଜିନ୍ସ ପ୍ୟାଣ୍ଟ ସାଙ୍ଗେ ପିନ୍ଧିଲେ ଲୁକ୍ ବେଶ୍ ସୋବର୍ ଲାଗିଥାଏ। ଏହି ଷ୍ଟାଇଲ୍ ସାଙ୍ଗକୁ ସିଲ୍‌ଭର୍ କଲରର ହାଲ୍‌କା ବ୍ରେସ୍‌ଲେଟ୍ ଆଉ କାନରେ ଛୋଟ ଷ୍ଟଡ୍‌ଟିଏ ପିନ୍ଧିଦେଲେ ଲୁକ୍ ଆହୁରି ସୁନ୍ଦର ଦେଖାଯାଇଥାଏ।

# ଶବ୍ଦ ଅଥୟ କଲେ ମୁଁ ଲେଖେ






ଏକାଧାରରେ ସେ ଜଣେ ଗୀତିକବି, ନାଟ୍ୟକାର ଓ ଅଭିନେତା। ପ୍ରାୟ ୫ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ସେ ରଚନା କରିଛନ୍ତି ଏକାଧିକ ନାଟକ ଓ ଅନେକ ଗୀତିକବିତା। ଆକଶବାଣୀ କଟକ କେନ୍ଦ୍ରର ସେ ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର। ତାଙ୍କର ସୃଜନଶୀଳତାକୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର। ପେସାରେ ସେ ଜଣେ ବିଦ୍ୟୁତ୍ ବିଭାଗର କର୍ମଚାରୀ କିନ୍ତୁ ନିଶା ସାହିତ୍ୟ ସାଧନା। ସେ ହେଲେ ଗୀତିକବି **ପ୍ରେମଚାନ୍ଦ୍ ମହାନ୍ତି**। ଜନ୍ମ ୧୯୫୮ମସିହାରେ। ମାତା ବସନ୍ତ ମଞ୍ଜରୀ ମହାନ୍ତି, ପିତା ଉଚ୍ଛବାନନ୍ଦ ମହାନ୍ତି। ଘର ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ ଥାନା ଅଧୀନ ବୋଧେଇ ଗାଁରେ। ବର୍ତ୍ତମାନ ସେ ରହୁଛନ୍ତି କଟକରେ। ଜୀବନର ପ୍ରତିକୂଳ ପରିସ୍ଥିତିରେ ଘଟିଥିବା ଦୁଃଖ-ଯନ୍ତ୍ରଣାକୁ ସାଲିସ ନ କରି ନିଜର ସାଧନା କ୍ଷେତ୍ରରେ ସର୍ବଦା ସେ ଅଗ୍ରସର। ତାଙ୍କ ରଚିତ ଗୀତିକବିତାରେ ଛଳଛଳଭାବ ଓ ପ୍ରେମର ଆବେଗ ବେଶ୍ ବାରି ହୋଇପଡ଼େ। ପ୍ରୀତି ଚେତନାର ସୁଗନ୍ଧରେ ମୋହାଚ୍ଛନ୍ନ ହୋଇ ତାଙ୍କ ବାର୍ତ୍ତାଳପରେ ଶବ୍ଦମାନ ବେଶ ଭାବାବେଗ ସୃଷ୍ଟି କରିଥାଏ। ବିଭିନ୍ନ ସମୟର ସାଉଁଟା ଅନୁଭୂତିର ଅଭିବ୍ୟକ୍ତିକୁ ସେ ଫୁଟାଇଥାନ୍ତି ତାଙ୍କ ଗୀତିକବିତାରେ। ଏଥିପାଇଁ ସେ କୁହନ୍ତି, ପ୍ରତିଦିନ କୌଣସି ନା କୌଣସି ବହିଟିଏ ନ ପଢ଼ିଲେ ଭଲରେ ନିଦ ଲାଗେନା। ପଢୁଥିବା ପୁସ୍ତକ ଭିତରେ ଲୁଚି ରହିଥିବା ଗୋଟେଗୋଟେ ବାକ୍ୟ ମୋତେ ଭାରି ଅଥୟ କରିଦିଏ। କିଛି କଥା କିଛି ଶବ୍ଦ ମୋ ମନକୁ ଛୁଇଁଯାଏ। ଫଳରେ ଆପେ ଆପେ ଲେଖା ମାଡ଼ିଆସେ। ସେସବୁ ଗୀତ ହୋଇଯାଏ। ପୁଣି ଯେତେବେଳେ କୌଣସି ଘଟଣାର ଚରିତ୍ରମାନେ ମୋ ଭିତରେ ପ୍ରବେଶ କରନ୍ତି ସେ ସମୟରେ ତାହା ମୋ ଅଜାଣତରେ ଅନେକ କୁହା-ଅକୁହା ଭାବର ସ୍ୱରସବୁ ମୋ ନାଟକର ସଂଳାପ ହୋଇଯାଆନ୍ତି। ଏମିତି ଧାରାରେ ଲେଖିସାରିଲାଣି ଏକାଧିକ ନାଟକ। ପ୍ରାୟ ୩ ହଜାର ଗୀତିକବିତା। ଏହା ମା'ଶାରଳାଙ୍କ ଆଶୀର୍ବାଦ ବୋଲି ଦୃଢ଼ବିଶ୍ୱାସ। ମୋ ବାପା ବଡ଼ବାପା କଳାସଂସ୍କୃତି ପ୍ରେମୀ ଥିଲେ। ବାପା ଗାଁରେ ଉଭାଳ ନାଁରେ ଏକ ଅପେରା ପରିଚାଳନା କରୁଥିଲେ। ଏଥିପାଇଁ ଘରର ବହୁ ଜମିବାଡ଼ି ବିକ୍ରି କରିଦେଇଥିବା ଶୁଣିଥିଲି। ତା'ପରେ ଅପେରା ପାର୍ଟି ଭାଙ୍ଗିଗଲା। ବାପା କଟକର ସ୍ୱରାଜ ଆଶ୍ରମକୁ ଚାଲିଆସିଥିଲେ। ଘରେ ଆମେ ୬ଭାଇ, ଗୋଟିଏ ଭଉଣୀ। ରାଣୀହାଟ ସ୍କୁଲରେ ପ୍ରଥମେ ପଢୁଥିଲି। ତା'ପରେ ଗାଁକୁ ଆସି ୪ର୍ଥରୁ ୭ମ ଯାଏ ପଢ଼ିଲି। ପୁଣି ରାଣୀହାଟ ସ୍କୁଲରେ ଅଷ୍ଟମ ଠାରୁ ଦଶମଯାଏ ପଢ଼ିଲି। ଏହାପରେ କଟକ ଖ୍ରୀଷ୍ଟ କଲେଜରେ ଆଇଏସ୍‌ସି ପଢ଼ିଲି। ୧୯୭୪ମସିହାରେ ପ୍ରଥମେ ନାଟକ ଲେଖିବା ଆରମ୍ଭ କରିଥିଲି। ମିନତୀ ମିଶ୍ରଙ୍କ ସଂଗୀତ ମୋତେ ବହୁ ଉତ୍ସାହିତ କରିଥିଲା। ସଂଗୀତ ଶୁଣି ଗୀତ ଲେଖିବାକୁ ମନ ବଳାଇଲି। ସେବେଠାରୁ ଆଉ ପଛକୁ ଫେରିନାହିଁ। ଏମିତିରେ ପ୍ରାୟ ୩ହଜାର ଗୀତିକବିତା ଲେଖିସାରିଲିଣି। ନାଟକ ଲେଖା, ଗୀତିକବିତା ରଚନା ସହିତ ଅଭିନୟ କରିବାରେ ରୁଚି ଥିଲା। ଯୋଗକୁ ବିଦ୍ୟୁତ୍ ବିଭାଗରେ ଷ୍ଟୋର କିପର୍ ଭାବେ ନିଯୁକ୍ତି ପାଇଲି। ପରବର୍ତ୍ତୀ ସମୟରେ ବି.ଏ ଏବଂ ଡିଷ୍ଟାନ୍ସରେ ଇଂଜିନିୟରିଙ୍ଗ୍ କଲି। ବଳକା ସମୟରେ ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟରେ ଯୋଗଦେଉଥିଲି। ଏହି ସମୟରେ ବାଦାମବାଡ଼ି ବିଦ୍ୟୁତ୍ ବୋର୍ଡ କଲୋନିରେ ଏକ ନାଟ୍ୟ କ୍ଲବ ଗଠନ କରିଥିଲୁ। ପ୍ରାୟଶ୍ଚିତ୍ତ, ଶେଷହେବ ତିନିପାଦ କଳି, ଏ ମନ ଭାବୁଥାଇ ଯାହା ଆଦି ନାଟକ ରଚନା କଲି। କଳାଚାନ୍ଦ, ଶେଷଶ୍ରାବଣ, କଲିକତି ଟେଷ୍ଟି ଆଦି ଏକାଧିକ ନାଟକରେ ନିର୍ଦ୍ଦେଶନା ଦେବା ସହ ଅଭିନୟ କରିଥିଲି। ଗୀତିକବିତା ପାଇଁ ୧୯୯୬ ମସିହାରୁ ଆକାଶବାଣୀ କଟକ କେନ୍ଦ୍ରରୁ ଗୀତିକବି ଭାବେ ସ୍ୱୀକୃତି ମିଳିଛି। କଟକ ବ୍ୟତୀତ ଜୟପୁରରେ ରହୁଥିବାବେଳେ କେତେକ ନାଟକରେ ଅଭିନୟ କରିବା ସହ ଆକାଶବାଣୀ କେନ୍ଦ୍ରରେ କୋରାପୁଟର ଦେଶିଆ ଗୀତ, ଗୀତିକବିତା ଓ ଭଜନ ରଚନା କରିଥିଲି। କିନ୍ତୁ କଟକରେ ରହୁଥିବାବେଳେ ଏକ ଅଘଟଣ ଘଟିଥିଲା। ତାହା ମୋତେ ଏବେବି ମର୍ମାହତ କରେ। ସେଦିନ ବାଦାମବାଡ଼ିର ଓଡ଼ିଶା ବିଦ୍ୟୁତ୍ ବିଭାଗୀୟ ବୋର୍ଡ କଲୋନିରେ ଡ୍ରାମା ହେଉଥିଲା। ସନ୍ଧ୍ୟାତାରା ନାଟକ ମଞ୍ଚସ୍ଥ ହେଲା। ଏଥିରେ ଅଭିନୟ କରିବା ସହ ନିର୍ଦ୍ଦେଶନା ଦେଇଥିଲି। ଏହି ନାଟକ ଦେଖିବାକୁ ବହୁସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଜମିଥିଲା। ନାଟକ ଆରମ୍ଭର କିଛି ଦୃଶ୍ୟ ପରେ ଭିନ୍ନ ଏକ ଦୃଶ୍ୟ ପାଇଁ ପୂର୍ବରୁ ମଞ୍ଚକୁ ଝାପ୍‌ସା ଆଲୁଅ, ଅନ୍ଧାର ଭିତରେ ରଖି ଧୂଆଁ ଉଠିବାର ବ୍ୟବସ୍ଥା କରାଯାଇଥାଏ, ଯେଉଁଥିରୁ ଧଳାଲୁଗା ପିନ୍ଧିଥିବା ଏକ ପ୍ରେତାତ୍ମା ଧୂଆଁ ଭିତରୁ ବାହାରି ଘୂରି ବୁଲିବ। ହେଲେ ହଠାତ୍ ମଞ୍ଚରେ ନିଆଁ ଲାଗିଗଲା। ପ୍ରାୟ ୬ଜଣ ନିଆଁରେ ପୋଡ଼ି ଆହତ ହୋଇଗଲେ। ସମସ୍ତେ ସ୍ତବ୍ଧ ! ମଞ୍ଚରେ ବିଦ୍ୟୁତ୍ ପରିଚାଳନାର ଅସାବଧାନତା ଯୋଗୁ ଧୂଆ ପାଇଁ ରଖାଯାଇଥିବା ବାରୁଦରେ ନିଆଁ ଲାଗି ଏମିତି ଅଘଟଣା ଘଟିଥିଲା। ଏହି ଘଟଣାରେ ଆହତ ଜଣେ ପିଲାର ପ୍ରାୟ ୬ମାସ ପରେ ମୃତ୍ୟୁ ଘଟିଥିଲା। ସେବେଠାରୁ କିଛି ବର୍ଷ ନାଟକଠାରୁ ଦୂରେଇ ରହିଥିଲି। ସେମିତି ଥରେ ଜଣେ ସିନେମା ନିର୍ଦ୍ଦେଶକ ଏକ ଅଭିନୟ ପାଇଁ ମୋତେ ଡାକିଥିଲେ, ମୋର ମେକଅପ୍ କରାଗଲା। ହେଲେ ବହୁ ସମୟ ଧରି ଅପେକ୍ଷା କଲି, କିନ୍ତୁ ମୋତେ ସୁଟିଂ ପାଇଁ ମନା କରିଦେଲେ। କାହାକୁ କିଛି ନ କହି ଘରକୁ ଫେରିଯାଇଥିଲି। ଏହି ଘଟଣା ମୋତେ ଭାରି ଲଜ୍ଜା ଦେଲା ତଥାପି ନୀରବ ରହିଲି। ଏବେ ଗୀତିକବିତା ଲେଖା ଚାଲୁ ରହିଛି। ପରିବାରରେ ସମସ୍ତଙ୍କର ମୋ ପ୍ରତି ସହଯୋଗ ରହିଛି। ମୁଁ ରଚନା ଗୀତ ସବୁକୁ ତୃପ୍ତି ଦାସ, ଜଗଜୀବନ ପଣ୍ଡା, ଗୀତା ଦାଶ, ଶେଖର ଘୋଷ, ଇରା ମହାନ୍ତି, ପଙ୍କଜ ଜାଲ, ବଙ୍କିମ ପଟେଲ ଓ ଅନ୍ତରା ଚକ୍ରବର୍ତ୍ତୀ ପ୍ରମୁଖ କଣ୍ଠଶିଳ୍ପୀ ଗାଇଛନ୍ତି।

ଗୀତ, ଭଜନ ଓ କୋରାପୁଟିଆ ଦେଶିଆ ଗୀତ ଲେଖିବାରେ ଅନେକ କିଛି ଶିକ୍ଷା ମିଳିଛି। ଆଜି ପର୍ଯ୍ୟନ୍ତ ମୋର ସାରସ୍ୱତ ସାଧନା ପାଇଁ ମୋତେ ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ କରାଯାଇଛି ; ଯାହା ମଧ୍ୟରେ ବାଲେଶ୍ୱର ପ୍ରଜାପତି ଅକ୍ଷର ପୁରସ୍କାର, ଓଡ଼ିଆ ଗୀତିକବି ସମାଜ, ନବକଳିକା, ଦୁର୍ଗା ସାହିତ୍ୟ ସଂସଦ, କୋଣାର୍କ ପ୍ରତିଭା ସମ୍ମାନ ଆଦି ଅନ୍ୟତମ।


-ବନବିହାରୀ











# ପୋଷ୍ଟମ୍ୟାନ

**ହିନ୍ଦୀ–ଶୈଳେଶ ମଟିୟାନୀ**
**ଅନୁବାଦ–କନକ ମଞ୍ଜରୀ ସାହୁ**

**ଦ**ୟାରାମ ତା' ଖାକି ଡ୍ରେସ୍ ପିନ୍ଧି, ଖାକି ବ୍ୟାଗ କାନ୍ଧରେ ଝୁଲାଇ ଯେବେ ଗାଁଗୁଡ଼ିକୁ ଯାଉଥିଲା, ଯେଉଁ ଘର ପାଖରେ ପହଞ୍ଚୁଥିଲା, ହେମଦସ୍ତା କୁଟୁଥିବା ସ୍ତ୍ରୀଲୋକଙ୍କର ହାତ ରହିଯାଉଥିଲା, କ୍ଷୀର ଦୁହୁଁଥିବା ଲୋକର କିଛି କ୍ଷୀର ତଳେ ପଡ଼ି ଯାଉଥିଲା ଏବଂ ବୁଢ଼ାମାନଙ୍କ ହାତର ଚିଲମର ନଳ ରହିଯାଉଥିଲା। ସମସ୍ତଙ୍କ ମୁହଁରେ ଗୋଟିଏ କଥା... 'ପୋଷ୍ଟମ୍ୟାନ ସାହେବ!' ଯୁଦ୍ଧ ସମୟର କଥା। କୁମାଓଁ ଗାଁର ଅଧିକାଂଶ ପୁଅ ସେନାରେ ଭର୍ତ୍ତି ହୋଇଥିଲେ। ଆର୍ଥିକ ଅବସ୍ଥା ସେମାନଙ୍କୁ ପରିବାରଠାରୁ ଦୂରେଇ ରହିବାକୁ ବାଧ କରିଥାଏ। ଦୟାରାମ ଯେବେ ଜଙ୍ଗଲୀ ରାସ୍ତା ଦେଇ ପାର ହେଉଥାଏ, ତାକୁ ପାହାଡ଼ି ମହିଳାଙ୍କ ବ୍ୟଥା ଭରା ବିରହ ଗୀତ ଶୁଣାଯାଏ। ଦୟାରାମ ପ୍ରାୟ ଦେଖେ ଯେଉଁଠିକୁ ବି ସେ ଯାଏ ପ୍ରତ୍ୟେକ ସେନାଙ୍କ ସ୍ତ୍ରୀମାନେ ହରିଣ ଭଳି ଆଖି ଏବଂ ଠେକୁଆ ଭଳି କାନ ଡେରିଥାନ୍ତି। ଦୟାରାମଙ୍କୁ ସେମାନେ ଏମିତି ଚାହାନ୍ତି ଯେମିତି କୋଉ ଦେବତା। ସେ ସେମାନଙ୍କର ସୌଭାଗ୍ୟ କିମ୍ବା ଦୁର୍ଭାଗ୍ୟର ବିଧାତା ଥିଲା। ସେ ଲଫାପା ବା 'ମନିଅର୍ଡ଼ର' ବଦଳରେ କୌଣସି ତାର ନେଇକି ଗଲେ, କିଏ ସିନ୍ଦୂର ପୋଛୁଥିଲା ତ କାହାର ଚୁଡ଼ି ଭାଙ୍ଗୁଥିଲା ଏବଂ ଗାଁ ସାରା ଦୁଃଖର ବାତାବରଣ ଖେଳିଯାଉଥିଲା...। ଦୟାରାମର ମୁବାଣୀ ଗାଁ କଥା ମନେଅଛି। ଗୋଟିଏ ତାର ନେଇକି ସେ ଯାଇଥିଲା। ଧନସିଂହ ବିଷ୍ଟର ପୁଅ କଶ୍ମୀର ଯୁଦ୍ଧରେ ମରିଯାଇଥିଲା। ସେ ନିଜେ ତାର ପଢ଼େଇ ଶୁଣାଇଥିଲା ଏବଂ ତା' ଜୀବନ ବିପଦରେ ପଡ଼ିଯାଇଥିଲା। ଧନସିଂହର ବୋହୂ କାତି ଧରି ତାକୁ ମାରିବାକୁ ଗୋଡ଼େଇଥିଲା। ବହୁତ ଖରାପ କଥା କହି ଗାଳି ଦେଇଥିଲା। ତା'ପରେ ସେ ମର୍ମଭେଦୀ କ୍ରନ୍ଦନ, କରୁଣ ବିଳାପ କରି ଛାତି ପିଟି କାନ୍ଦୁଥିଲା। ଦୟାରାମର ଝାଳ ବାହାରିପଡ଼ିଲା। ଦୟାରାମ କହିବାକୁ ଚାହୁଁଥିଲା, ମୋତେ କାହିଁକି ଗାଳି ଦେଉଛ? ମୁଁ ତ ତୁମ ସ୍ୱାମୀକୁ ଗୁଳି କରିନି...କିନ୍ତୁ ସେ କିଛି କହିପାରିଲାନି। ଭାଗୁଲିର କରୁଣ ବିଳାପ ସାମ୍ନାରେ ସେ ମୂକ ପାଲଟିଗଲା।

ସେବେଠାରୁ କୌଣସି ତାର ଆସିନି। କିନ୍ତୁ ସେ ବ୍ରାଞ୍ଚ ପୋଷ୍ଟ ମାଷ୍ଟରଙ୍କ 'ସଟିଙ୍ଗ'କୁ ବିକଳ ଦୃଷ୍ଟିରେ ଚାହୁଁଥିଲା। ଆଜି ସୋମବାର। କମସ୍ୟାରି ଗାଁ ଆଡ଼କୁ ଯିବା ପାଇଁ ବାହାରିଥିଲା। ବ୍ରାଞ୍ଚ ପୋଷ୍ଟ ମାଷ୍ଟର ପାଣ୍ଡେ ଚିଠିଗୁଡ଼ାକୁ ସଟିଙ୍ଗ କରୁଥିଲେ, ଦୟାରାମ କିଛିଟା ଅନ୍ୟମନସ୍କ ଭାବେ ତା' ଡାକ ବ୍ୟାଗରେ ରଖୁଥିଲା। ହଠାତ୍ ବିଛା କାମୁଡ଼ିଲା ଭଳି ଚିହିଁକି ଉଠିଲା..ତା' ଆଡ଼କୁ ପୋଷ୍ଟ ମାଷ୍ଟର ତାରର ଏକ ଲଫାପା ବଢ଼ାଉଥିଲେ। ତାରର ଠିକଣା ଥିଲା, ଜସୌତସିଂହ ନେଗୀ, କମସ୍ୟାରୀ... ଦୟାରାମର ଛାତି ଥରି ଉଠିଲା। ସେ ବିଚଳିତ ହେଇପଡ଼ିଲା। ପୋଷ୍ଟ ମାଷ୍ଟର ପାଣ୍ଡେ ପଚାରିଲେ, 'କଥା କ'ଣ, ପୁଅ ଦୟାରାମ?' ପାଣ୍ଡେ ବୟସ୍କ ହୋଇ ଚାଲିଥିଲେ। ଦୟାରାମ ତାଙ୍କୁ ସମ୍ମାନ ଦେଉଥିଲା, ସେ ଦୟାରାମକୁ ପୁଅ ଭଳି ଦେଖୁଥିଲେ। ଦୟାରାମ କହିଲା, 'କିଛି ନାଇଁ ଚାଚା! କାଲିଠାରୁ ଦେହ କିଛି ଭଲ ନାହିଁ। ଥଣ୍ଡା ହୋଇଗଲା।' ସେ ସୁଁ ସୁଁ ହେଲା। 'ଆଜି ତା'ହେଲେ ଡିୟୁଟିରେ ଯାଅନି। କମସ୍ୟାରୀ ଆଡ଼େ ବହୁତ ଥଣ୍ଡା ପବନ ବହୁଛି। ନିମୋନିଆ ନ ହେଇଯାଉ। ''କିନ୍ତୁ ତାର ଯୋଉ ଅଛି...'ପାଣ୍ଡେ କହିଲେ, 'ଆଚ୍ଛା ତୁ ଆଜି ଦୋକାନରେ ରହ। ଟିକେଟ, ଲଫାପାର ପଇସା ମୁଣାରେ ରଖି ବେକରେ ଝୁଲାଇ ଦେ, ସଉଦା ବିକ, ସେଇ ପଇସା ଅଲଗା ରଖିଦେବୁ। ବିଡ଼ି ବଣ୍ଡଲ ନଅ ପଇସାରୁ କମରେ ଦେବୁନି।' ତା'ପରେ ଦୟାରାମର ଖାକି ବ୍ୟାଗ ନିଜ କାନ୍ଧରେ ପକାଇଦେଲେ। 'କମସ୍ୟାରୀ ପାଖ ଗାଁ ରତନ୍ୟାରୀରେ ମୋ ଶ୍ୱଶୁର ଘର। ଭଲ ହେଲା, ତୋ ଚାଚୀକୁ ବି ନେଇଆସିବି ଆଉ ଡାକ ବି ଦେଇଆସିବି। ତୁ କେତେ ଦିନ ଆଉ ମୋତେ ରୁଟି ସେକିକି ଦେବୁ।'

ଖ୍ୟାଲିରାମ ତାଙ୍କ ଦୋକାନରେ ହିଁ ବ୍ରାଞ୍ଚ ପୋଷ୍ଟ ଅଫିସ ଚଳାଉଥିଲେ। ପଇଁତିରିଶ ବର୍ଷର ଲମ୍ବା ସମୟ ଭିତରେ ପୋଷ୍ଟ ମାଷ୍ଟର ଏବଂ ଖୁଚୁରା ଦୋକାନ କାମ କରିବାରେ ପାଣ୍ଡେଙ୍କୁ କୌଣସି ଅସୁବିଧା ହେଉନଥିଲା। ଦୟାରାମର ମନେ ପଡ଼ିଲା, ପଅରଦିନ ଯେବେ ସେ ପ୍ରଧାନ ଘର ଚିଠି ପଢୁଥିଲା, ପ୍ରଧାନ ଘର ବୋହୂ ତାକୁ ବାରମ୍ବାର କଣେଇ ଚାହୁଁଥିଲା। ତା' ଆଖିରେ କେତେ କୌତୂହଳ ଥିଲା! କେମିତି ମୁହଁ ଝଲସି ଉଠୁଥିଲା! କେତେ କ୍ଷୀର, ଚିନି ପକାଇ ଚା' ଆଣି ଦେଇଥିଲା! ଦୟାରାମକୁ ଲାଗିଲା, କିଏ ଯେମିତି ତା' କାନରେ କହିଲା, 'ନିଅ ପୋଷ୍ଟମ୍ୟାନ ସାହେବ!' ଆଉ ଆଜି ତାର...ତାକୁ ବଡ଼ ଦୁଃଖ ଲାଗିଲା...ଯୁଦ୍ଧରେ କାଇଁ ରତନ ସିଂହ ନେଗୀ ବି...ଦୟାରାମର ଆଖି ସାମନାରେ ଅନ୍ଧାର ଛାଇଗଲା। ସେ ସେଇଠି ବସିପଡ଼ିଲା...ଆଉ ତାକୁ ଲାଗିଲା, ରତନ ସିଂହର ସ୍ତ୍ରୀ ଖ୍ୟାଲିରାମ ପୋଷ୍ଟ ମାଷ୍ଟରଙ୍କୁ ଗାଳିଦେଇ କାତିରେ ହାଣିବାକୁ ଦୌଡୁଛି... 'ତୋ ଛାତି ଫାଟିଯାଉ ପୋଷ୍ଟ ମ୍ୟାନ...' ଦୟାରାମକୁ ଲାଗିଲା, ତା' ମୁଣ୍ଡ ବୁଲାଉଛି। ଚାରିଆଡ଼ୁ ରତନ ସିଂହର ବିଧବା ସ୍ତ୍ରୀର ଗାଳି, ତୀରବିଦ୍ଧ ପକ୍ଷୀ ଭଳି ଫଡ଼ଫଡ଼ ହୋଇ ତା' କାନରେ ପଡୁଥିଲା 'ପୋଷ୍ଟମ୍ୟାନ ତୋର ସେମିତି କିଏ ମରିଯାଉ, ଏମିତି ତାର କିଏ ତୋ ଘରେ ପହଞ୍ଚାଉ। ଯିଏ ତତେ ଆଞ୍ଚଳର ଛାୟା ଦେଉଛି, ତୋ ମୁଣ୍ଡର ଛାୟା ଉଠିଯାଉ...'

ତାକୁ ଲାଗିଲା, ପ୍ରଧାନର ବିଧବା ବୋହୂ ତାର ହାତରେ ଧରି, କେଶ ମୁକୁଳା କରି, ଛାତି ବାଡ଼େଇ ତା' ଘର ଆଡ଼କୁ ଯାଉଛି... ତା'ପରେ ତା'ର ମନେପଡ଼ିଲା, ତାର ନେଇକି ତ ପାଣ୍ଡେ ଯାଇଛି। ତା'ପରେ ସେ ଟିକେ ଆଶ୍ୱସ୍ତ ହେଲା ଏବଂ ତା'ପରେ ସେ ବେକରୁ ପଇସା କାଢି ତାକୁ ଅଣ୍ଟାରେ ବାନ୍ଧି ଲୋଟିପଡ଼ିଲା.. ଶୋଇ ଶୋଇ ତାକୁ ଲାଗିଲା ଯେ ସେ କମସ୍ୟାରୀ ଗାଁ ଆଡ଼କୁ ଯାଉଛି। ରତନ ସିଂହର ବିଧବା ସ୍ତ୍ରୀ ଘାସ କାଟିବାକୁ ଆସିଛି ଆଉ କାନ୍ଦିକି କହୁଛି, 'ଦୁଇ ଧାଡ଼ି ତାର...ମୁଣ୍ଡର ଛାତ ରହୁନି...ପେଟକୁ ଖାଇବା ଜୁଟୁନି...' ରତନ ସିଂହ କଶ୍ମୀର ଯୁଦ୍ଧରେ ମରିଗଲା। ଦୟାରାମର ଆଖିରେ ପୁଣି ଏକ ତାରର ସେଇ ଲଫାପା ବାରମ୍ବାର ଘୂରିବୁଲିଲା। ସେ ଦେଖିଲା ଲଫାପାର ଏକ କୋଣରେ ସେଇ କଥା ଲେଖା ହୋଇଛି...ତା' ବିଧବା ସ୍ତ୍ରୀ ଖୋଲା କେଶ କରି ଦୟାରାମର ଖାଲି ବ୍ୟାଗକୁ ଚିରି ବିକଟାଳ ମୁହଁକରି ଚିତ୍କାର କରି କହୁଛି... 'ପୋଷ୍ଟମ୍ୟାନ ଏଥିପାଇଁ ତୋ ଚା'ରେ ଏତେ ଚିନି ଢାଳୁଥିଲି! ତୁ ମୋ ଜୀବନରେ ବିଷ ମିଶେଇ ଦେଲୁ? ମୋ ପୁଅର ଭାଗ କ୍ଷୀର ତତେ ଦେଉଥିଲି ତୁ ମୋ ପୁଅର ବିଲାତି ବିସ୍କୁଟ ଛଡ଼ାଇନେଲୁ? ତୁ ମରିଯା ପୋଷ୍ଟମ୍ୟାନ ଆଉ ତତେ ଜନମ ଦେବା ଘରେ ସରକାରୀ ତାର ପହଂଚୁ...କାଲି ସେଥିପାଇଁ ତୁ ବିଚାରି ବୁଢା ମାଷ୍ଟର ହାତରେ ବଜ୍ର ଦେଇ ପଠେଇଥିଲୁ?'

ଦୟାରାମ ଚମକି ପଡ଼ିଲା, 'କିନ୍ତୁ ଭଉଣୀ ମୁଁ ତ ତୁମ ରତନ ସିଂହକୁ ଗୁଳି କରିନି? ମୋ ଭଳି ଗରିବକୁ ଗାଳି କାହିଁକି ଦେଉଛ?..ଆଜିଠାରୁ ସରକାରୀ ତାର ପହଞ୍ଚେଇବା ଚାକିରି ଆଉ କରିବିନି...' ପୋଷ୍ଟ ମାଷ୍ଟର ପାଣ୍ଡେ ତାକୁ ଝାଙ୍କିଦେଇ ପଚାରିଲେ, 'ଜର ବେଶି ବଢିଗଲା କି ପୁଅ ଦୟାରାମ?' ତା' ନାଡ଼ି ଦେଖି କହିଲେ, 'ତୋ ଭାଗ୍ୟ ଆଜି ଭଲ ଅଛି ପୁଅ! ତାର ନେଇ ଜସୌତ ସିଂହ ନେଗୀର ଘରକୁ ଯାଇଥିଲି। ଆଲମୋଡ଼ାରେ ଯୋଉ ଝିଅ ତାଙ୍କର ବାହାହେଇଛି, ତା'ର ପୁଅ ହେଇଛି। ସେ ଖୁସିରେ ମୋତେ ଆଠ ଅଣା ଦକ୍ଷିଣା ଦେଲେ, କହିଲେ ବ୍ରାହ୍ମଣ ଲୋକ, ଖୁସି ଖବର ନେଇକି ଆସିଲ।' ଦୟାରାମ ଆଶ୍ଚର୍ଯ୍ୟ ଏବଂ ଖୁସିରେ ପାଣ୍ଡେଙ୍କୁ ଚାହିଁ ରହିଲା। ଚାରଣିଟିଏ ପକେଟରୁ କାଢି ତାକୁ ଦେଇ କହିଲେ, 'ପ୍ରଧାନର ବୋହୂ ପ୍ରଧାନକୁ କହିଲା, ଚାରି ଅଣା ଦକ୍ଷିଣା ଛୋଟ ପୋଷ୍ଟମାଷ୍ଟର ପାଇଁ ବି ପଠେଇଦିଅ!' ଲକ୍ଷ୍ମୀବନ୍ତ ଝିଅଟିଏ...' ଦୟାରାମ ପାଣ୍ଡେଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିଲା।

*– ଶ୍ରାବଣୀ ରେସିଡ଼େନ୍ସି, ନୟାପଲ୍ଲୀ, ଭୁବନେଶ୍ୱର,*
*ମୋ:୯୪୩୯୭୫୦୩୭୮*



# ଛାତି

**–ପିନାକୀ ମିଶ୍ର**

**ଅ**ଣଚାଷ ବହିଲେ ବି ଛାତିକି ମଂଜୁର୍ ,
ଆକାଶ ଖସି ପଡିଲେ ବି
ସମ୍ଭାଳିନେବି, ହଜୁର୍ ।

ଛାତିକି ଆସେ – ଝଡକୁ ସାମ୍ନା କରିବା,
ସଂଘର୍ଷର ଶିଖର ଚଢିବା
ସ୍ୱପ୍ନକୁ ହାତ ଯତନରେ ସଜେଇବା,
ସତ୍ୟର ସାରଥୀ ହେବା
ପ୍ରେମର ତମାଳବନରେ – ପ୍ରଜାପତି ବନିବା।

ପ୍ରତାରଣାର ଚୋଟ
ଭାରି ଜଳାପୋଡା କରେ ଯେ' –
କୁଟାଖିଏ ପାଖରେ ନ ଥାଏ,
ପବନର ସାନ୍ତ୍ୱନା ତ ମିଳିପାରେ,
ପ୍ରେମକୁ କିଏ ପଚାରେ
ରତୁପରି ଫେରି ଯାଇପାରେ,
ମରଦ ଆଣ୍ଠ ଉଠେଇଦେବ ଖାଲରୁ ।

ଚାଖଣ୍ଡେ ଛାତିରେ ପୃଥିବୀ ବସିପଡେ,
ତ୍ୟାଗ, କରୁଣା, ଦ୍ରୋହ ଅନାୟାସରେ ଟାଣିପାରେ –
ଆଖି ଖୋଲିଥିବା ପାଗଳମାନଙ୍କୁ ,
ଯୁଗ ବଦଳିବା ଥୟ
ବହୁତ ହେଲା କଦର୍ଥ ଜୀବନଖେଳ।

ଛାତି ସହିଛି ଚଉଦବରଷ ବନବାସ
ପୁଅ ଥନ ଖାଉଥିଲାବେଳେ ମାଆର ଛାତି ବସୁମତୀ,

କ୍ଳାନ୍ତ ହାଡୁଆ ଶ୍ରମିକ ଛାତି
ଲୁଚେଇଛି ଥାକଥାକ ବ୍ୟଥାର ସ୍ମୃତି,
ଚାରିକାନ୍ଥର ମାୟାମୋହରେ
ଡରିନି ଅଭାବର ନଖଦାନ୍ତକୁ,
କ୍ଷତ ଲୁଚେଇଛି ପିଲାପିଲିଙ୍କି,
ସକାଳୁ ପୁଣି ଧାଇଁଛି ଆହାର ପାଇଁ
ଛୁଆ କାନ୍ଦିବା ଆଗରୁ।

ଛାତି ବି ନିଆଁକୁ ମାନେନି
କଥା ଦେଇଛି ମାନେ –
କାନରକୁଣ୍ଡଳ ବି ଦେଇଦେବାକୁ ମଂଜୁର୍ ॥

*–ଶୂନ୍ୟନୀଳ, ଜେଲ୍ ରୋଡ୍, କେନ୍ଦୁଝର*
*ମୋ: ୯୪୩୮୧୧୮୩୯୭*

# ଅପେକ୍ଷା କରିବେ ଖୁସି


ତେଜସ୍ୱିନୀ-ମାନସ

ଶ୍ରୀଦେବୀଙ୍କ ସାନ ଝିଅ ଖୁସି କପୁରଙ୍କ ଅଭିନୀତ ସିନେମା 'ଲଭ୍‌ୟାପା' ବକ୍ସ ଅଫିସରେ ଫ୍ଲପ ହୋଇଛି। ହେଲେ ଏ ନେଇ ସେ ମନ ଦୁଃଖ କରୁନାହାନ୍ତି। ନିକଟରେ ନିଜ ଅଭିନୟ କ୍ୟାରିୟର ବିଷୟରେ ସୂଚନା ଦେଇ ସେ କହିଛନ୍ତି, ''ସବୁ ସିନେମା ଯେ ହିଟ୍ ହେବ ତାହାର କିଛି ଗ୍ୟାରେଣ୍ଟି ନ ଥାଏ। ଗୋଟେ ଫିଲ୍ମ ଫ୍ଲପ ହେବାପରେ ବି ଅନେକ କଳାକାର ନିଜ କ୍ୟାରିୟରକୁ ଆଗେଇ ନେଇଛନ୍ତି। ତେଣୁ ମୋ ସିନେମା ଅସଫଳ ହେବା ପରେ ମୁଁ ମନ ଦୁଃଖ ତ କରୁଛି, ହେଲେ ଭାଙ୍ଗି ପଡିନାହିଁ। ଦିନେ ନା ଦିନେ ମୋତେ ଏଭଳି ଏକ ସୁଯୋଗ ମିଳିବ ଯାହାଦ୍ୱାରା ମୁଁ ନିଜ ଅଭିନୟ ପ୍ରତିଭାର ପ୍ରଦର୍ଶନ କରିପାରିବି। ତେଣୁ ମୋତେ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡିବ। ମୋର ଜନ୍ମ ଏକ କଳାକାର ପରିବାରରେ। ତେଣୁ ଏକ କଳାକାରକୁ କ'ଣ କ'ଣ ସବୁ ସାମ୍ନା କରିବାକୁ ପଡେ ତାହା ମୁଁ ନିକଟରୁ ଦେଖିଛି। ମୋ ମାମା, ପାପା, ବଡ ଭଉଣୀଙ୍କ ନିକଟରୁ ଏ ନେଇ ଅନେକ କିଛି ଶିଖିଛି। ତେଣୁ ଏବେ ଧୈର୍ଯ୍ୟର ସହ ଅପେକ୍ଷା କରିବି। ଜଣେ ସଫଳ ଅଭିନେତ୍ରୀ ହେବାର ଯେଉଁ ଆଶା ରହିଛି ତାହା ଦିନେ ନା ଦିନେ ପୂରଣ ହେବ ବୋଲି ଆଶା ରଖିଛି।'' ତେବେ ଆଗକୁ ଖୁସିଙ୍କ ଆକ୍ଟିଂ କ୍ୟାରିୟର କି ନୂଆ ମୋଡ ନେବ ତାହା ସମୟ ହିଁ କହିବ।


ଖୁସି

# ସାଥୀ ସାତ ଜନ୍ମର

ଓଡିଶାର ଘରେ ଘରେ ପରିଚିତ ଅନ୍ୟତମ ଅଗ୍ରଣୀ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଘରର ପରମ୍ପରା ଓ ରୀତିନୀତିକୁ ଆଖିଆଗରେ ରଖି ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ ଭେଟି ଦେଇଚାଲିଛି। ଚଳିତ ମାସ ୧୭ ତାରିଖରୁ ଏହି ଚ୍ୟାନେଲରେ ପ୍ରସାରିତ ହେବାକୁ ଯାଉଛି ଏକ ନୂଆ ଧାରାବାହିକ ଯାହାର ଟାଇଟଲ ରହିଛି 'ସାଥୀ ସାତ ଜନ୍ମର'। ପ୍ରେମ, ତ୍ୟାଗ ଓ ପାରିବାରିକ ସମ୍ପର୍କକୁ ନେଇ ଏହାର କାହାଣୀ ଗତି କରିଛି। ପରିବାର ପାଇଁ ବଞ୍ଚୁଥିବା ଝିଅ ଅର୍ଚ୍ଚନା ଓ ନିଜ ପରିବାରକୁ ନିଜ ଦୁନିଆ ଭାବୁଥିବା ଦେବ୍‌ର କାହାଣୀକୁ ଦର୍ଶାଇବ ଏହି ମେଗା ଧାରାବାହିକ। ଏହି ମେଗା ଧାରାବାହିକର ଟାଇଟଲ ଗୀତ ଇତିମଧ୍ୟରେ ବେଶ୍ ଭାଇରାଲ ହୋଇଛି। ଫେବୃଆରୀ ୧୭ ତାରିଖ ସଂଧ୍ୟା ୭ ଟା, ଜୀ ସାର୍ଥକରେ ଏହି ନୂଆ ଧାରାବାହିକ ପ୍ରସାରିତ ହେବ। କାହାଣୀ ଅନୁସାରେ ନିଜ ପରିବାର ପାଇଁ ସମାନ ଭାବନା ରଖୁଥିବା ଅର୍ଚ୍ଚନା ଓ ଦେବ୍ ଦେଖାହୋଇ ପ୍ରେମରେ ପଡନ୍ତି ଓ ବିବାହ ବନ୍ଧନରେ ବାନ୍ଧି ହୋଇଯାନ୍ତି କିନ୍ତୁ ଅଳ୍ପ ଦିନରେ ତାଙ୍କ ଖୁସିରେ ଲାଗେ ବିରାମ। ଆଉ ଏହାର କାରଣ ସାଜନ୍ତି ଦେବ୍‌ଙ୍କ ମା' ସବିତା। ଏହାପରେ କ'ଣ ହେଉଛି ତାହା ଧାରାବହିକଟି ଦେଖିଲେ ଜାଣିପାରିବେ। ସୁପର୍‌ଡୁପର୍ ହିଟ ଧାରାବାହିକ 'ସୁନା ଝିଅ' ର ମୁଖ୍ୟ ଅଭିନେତା ମାନସ ଏହି ଧାରାବାହିକରେ ଦେବ ଚରିତ୍ରରେ ଓ ତେଜସ୍ୱିନୀ ଅର୍ଚ୍ଚନା ଚରିତ୍ରରେ ଅଭିନୟ କରିଛନ୍ତି।



ସୟାମୀ

# ସୟାମୀ ଯାହା ଖୋଜୁଥିଲେ..

ସୟାମୀ ଖେର୍ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଅବଶ୍ୟ ଯା ଭିତରେ ସେ ଅନେକ ଅଭିନେତାଙ୍କ ସହ ଅଭିନୟ କରିସାରିଲେଣି। ହେଲେ ତାଙ୍କର ଏକ ଅବସୋସ ରହିଯାଇଥିଲା ଯେ, ସେ ସନି ଦେଓଲଙ୍କ ସହ ଆକ୍ଟିଂ କରି ନାହାନ୍ତି। ଯାହାହେଉ ଶେଷରେ ତାଙ୍କର ଏହି ଆଶା ମଧ୍ୟ ପୂରଣ ହୋଇଛି। ରିଲିଜ ଅପେକ୍ଷାରେ ଥିବା ହିନ୍ଦୀ ସିନେମା 'ଜାଟ୍'ରେ ସେ ଅଭିନୟ କରୁଛନ୍ତି। ଏଥିରେ ସୟାମୀଙ୍କ ବ୍ୟତୀତ ସନି ଦେଓଲ, ରଣଦୀପ ହୁଡା ଏବଂ ପ୍ରଶାନ୍ତ ବଜାଜଙ୍କୁ ମଧ୍ୟ ଦେଖିବାକୁ ମିଳିବ। ସନିଙ୍କ ବିଷୟରେ ସୟାମୀ କହନ୍ତି, ''ସନି ଦେଓଲ ଜଣେ ନିଆରା ଅଭିନେତା। ବିଶେଷଭାବରେ ତାଙ୍କର ଆକ୍ସନ ରୋଲ୍ ମୋତେ ବେଶୀ ପ୍ରଭାବିତ କରିଛି। ଏହି ଫିଲ୍ମରେ ତାଙ୍କର ଭୂମିକା ଦର୍ଶକ ନିଶ୍ଚୟ ପସନ୍ଦ କରିବେ। ଶୁଟିଂ ସମୟରେ ତାଙ୍କ ଠାରୁ ମୁଁ ଅନେକ କିଛି ଶିଖିପାରିଛି। ତାଙ୍କର ଆଚାର ବ୍ୟବହାର, କଥାବାର୍ତ୍ତା ମୋତେ ଇମ୍ପ୍ରେଶ କରିଛି। ଖାସ୍ କଥା ହେଲା, ଏ ପର୍ଯ୍ୟନ୍ତ ସେ ଅଭିନୟ କରିଥିବା ସମସ୍ତ ସିନେମା ମୁଁ ଦେଖିସାରିଛି। ସତ କଥା କହିବାକୁ ଗଲେ ତାଙ୍କର ମୁଁ ଜଣେ ବଡ ପ୍ରଶଂସକ।'' 'ଜାଟ୍' ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଗୋପିଚାନ୍ଦ ମଲିନେନି। ତା'ସହ ସେ ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ଏହି ସିନେମାଟି ଚଳିତ ବର୍ଷ ଏପ୍ରିଲ ୧୦ରେ ପରଦା ଉପରକୁ ଆସୁଛି।

# ରକୁଲ୍‌ଙ୍କ ସଜବାଜ

ରକୁଲ୍ ପ୍ରୀତ ସିଂ ଗତ ବର୍ଷ ଘର ସଂସାର କରିସାରିଛନ୍ତି। ଏବେ ସେ ପୁଣି ଥରେ ବଡ ପରଦାରେ ନିଜର ଦ୍ୱିତୀୟ ଇନିଂସ ଆରମ୍ଭ କରିବାକୁ ସଜବାଜ ହେଉଛନ୍ତି। ଏ ନେଇ ସେ ତ ନିଷ୍ପତ୍ତି ନେଲେ ହେବ ନାହିଁ, ସେଥିରେ ପତିଦେବ ଜ୍ୟାକି ଭଗନାନୀଙ୍କ ସମ୍ମତି ରହିବା ନିହାତି ଦରକାର। ଜ୍ୟାକି ମଧ୍ୟ ରକୁଲ୍‌ଙ୍କୁ ପୁଣି ଥରେ ଅଭିନୟ କରିବା ନେଇ ସବୁଜ ସଙ୍କେତ ଦେଖାଇସାରିଛନ୍ତି। ଏ ନେଇ ରକୁଲ କହନ୍ତି, ''ସତ କହିବାକୁ ଗଲେ ଆକ୍ଟିଂ ସତେ ଯେମିତି ମୋ ଜୀବନର ଏକ ଅଙ୍ଗ ପାଲଟି ଯାଇଛି। ଏହାକୁ ଛାଡିବା ଏତେ ସହଜ ନୁହେଁ। ଚଳିତ ସପ୍ତାହରେ ମୋ ଅଭିନୀତ 'ମେରେ ହଜବ୍ୟାଣ୍ଡ କା ବିବି' ରିଲିଜ ହେଉଛି। ତା'ସହ ଆଉ କେତୋଟି ନୂଆ ଅଫର ମଧ୍ୟ ହାତରେ ରହିଛି। ତେବେ ଆଗକୁ ଅଭିନୟ କରିବି କି ନାହିଁ ସେ ନେଇ ନିଜେ ତ ସ୍ଥିର କରିସାରିଛି। ହେଲେ ଏ ନେଇ ଯେତେବେଳେ ଜ୍ୟାକିଙ୍କୁ ପଚାରିଲି ସେ ମଧ୍ୟ ଆକ୍ଟିଂ ଜାରି ରଖିବାକୁ କହିଛନ୍ତି। ତେଣୁ ମୋତେ ଯୋଜନାବଦ୍ଧ ଭାବରେ ଆଗେଇବାକୁ ପଡିବ। ବର୍ତ୍ତମାନ ମୋତେ ଯେଉଁ କେତୋଟି ଅଫର ମିଳିଛି ତାହା କେବଳ ଆଲୋଚନା ସ୍ତରରେ ରହିଛି। ସେ ବିଷୟରେ ମୁଁ ଭଲ ଭାବରେ ଚିନ୍ତା କରିବା ପରେ ଯାହା ନିଷ୍ପତ୍ତି ନେବି।'' ଦକ୍ଷିଣ ଭାରତୀୟ ସିନେମାରେ ରକୁଲ ଜଣେ ବେଶ୍ ପରିଚିତା ଅଭିନେତ୍ରୀ। ତା'ସହ ସେ ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ କରିଛନ୍ତି। ୨୦୦୯ରେ ରିଲିଜ ହୋଇଥିବା କନ୍ନଡ ଫିଲ୍ମ 'ଗିଲି'ରୁ ସେ ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କ ଅଭିନୀତ ପ୍ରମୁଖ ହିନ୍ଦୀ ସିନେମା ମଧ୍ୟରେ ରହିଛି-'ୟାରିୟାଁ', 'ଦେ ଦେ ପ୍ୟାର ଦେ', 'ଶିମଲା ମିର୍ଚି', 'ସର୍ଦ୍ଦାର କି ଗ୍ରାଣ୍ଡସନ', 'ଡକ୍ଟର ଜୀ', 'ଥ୍ୟାଙ୍କ ଗଡ୍' ଏବଂ 'ଇଣ୍ଡିଆ ୨' ଆଦି। ତେବେ ରକୁଲ୍ ପୁଣି ଥରେ କେବେ କ୍ୟାମେରା ସାମନା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ଜ୍ୟାକଲିନ୍

# ଲେଖାଲେଖିରେ ବ୍ୟସ୍ତ

ଜ୍ୟାକଲିନ୍ ଫର୍ନାଣ୍ଡିସ ଏବେ ପ୍ୟାରିସ୍‌ରେ ଅଛନ୍ତି। ହେଲେ ସେ ସେଠାକୁ କାହିଁକି ଯାଇଛନ୍ତି ଜାଣିବେନି ? କଥା କ'ଣ କି ଏକ ମାସିକିଆ ଭ୍ୟାକେସନରେ ସେ ସେଠାରେ ଡେରା ପକାଇଛନ୍ତି। କେବଳ ସେତିକି ନୁହେଁ, ପ୍ୟାରିସରେ ସେ ନିଜକୁ ଆଉ ଏକ କାମରେ ବି ନିୟୋଜିତ କରିଛନ୍ତି। ଯେହେତୁ ସମୟ ମିଳିଛି ତେଣୁ କିଛି ଲେଖାଲେଖି କରୁଛନ୍ତି। ହେଲେ ଜ୍ୟାକଲିନ୍ କ'ଣ ଲେଖୁଛନ୍ତି ଜାଣନ୍ତି ? ନିଜର ଆତ୍ମଜୀବନୀ। ଏ ବିଷୟରେ ସେ କହନ୍ତି, ''ପ୍ୟାରିସ ଆସିବା ପୂର୍ବରୁ ମୋ ମନରେ ଗୋଟିଏ କଥା ଉଙ୍କି ମାରିଲା। ମୋ ଜୀବନ ଏବଂ ଅଭିନୟ କ୍ୟାରିୟରକୁ ନେଇ ବହିଟିଏ ଲେଖିବି। ତେଣୁ ପ୍ୟାରିସ୍ ଆସିଛି। ଏଠାରେ ଥଣ୍ଡା ମନରେ ନିଜର ଆତ୍ମଜୀବନୀ ଲେଖିବି। ଅସଲ କଥା ହେଲା ଏ ନେଇ ଥରେ ମୁଁ ଅକ୍ଷୟ କୁମାରଙ୍କୁ ସୂଚନା ଦେଇଥିଲି। ସେ ଖୁସି ହୋଇ ମୋତେ ଆଗେଇବାକୁ ପରାମର୍ଶ ଦେଇଥିଲେ। ବାସ୍, ଏଠାରେ ସେହି କାମରେ ନିଜକୁ ବ୍ୟସ୍ତ ରଖିଛି। ଏଇ ମାସକ ଭିତରେ ମୁଁ ପାଖାପାଖି ଅଧାଅଧି ଆତ୍ମଜୀବନୀ ଲେଖିବି ବୋଲି ସ୍ଥିର କରିଛି।'' ତେବେ ଜ୍ୟାକଲିନ୍‌ଙ୍କ ଆତ୍ମଜୀବନୀରେ କି ରହସ୍ୟ ଲୁଚି ରହିଛି ତାହା ପ୍ରକାଶ ପାଇଲେ ହିଁ ଜାଣିପାରିବା।

# ଅଭିନେତା ହୋଇ ନ ଥିଲେ...

ପିଲାଦିନେ ଅନେକେ ନିଜ ଭବିଷ୍ୟତକୁ ନେଇ ବହୁତ ସ୍ୱପ୍ନ ଦେଖିଥାଆନ୍ତି। ସେଥିରେ କେତେକ ସଫଳ ହେଉଥିବା ବେଳେ ଆଉ କେତେକଙ୍କର ଆଶା କେବଳ ଆଶାରେ ହିଁ ରହିଯାଏ। ଏଇ ଯେମିତି ବଲିଉଡ୍‌ର ବିଶିଷ୍ଟ ନିର୍ଦ୍ଦେଶକ ଡେଭିଡ ଧାୱନଙ୍କ ପୁଅ ବରୁଣ ଧାୱନ। ଇତି ମଧ୍ୟରେ ସେ ନିଜକୁ ଜଣେ ଆଗଧାଡିର ଅଭିନେତା ଭାବରେ ପରିଚିତ କରାଇ ସାରିଛନ୍ତି। ହେଲେ ଆକ୍ଟିଂକୁ କ୍ୟାରିୟର କରିବା ପୂର୍ବରୁ ତାଙ୍କର ଆଉ ଏକ ସ୍ୱପ୍ନ ଥିଲା। ସେ ନେଇ ବରୁଣ କହନ୍ତି, ''ଯେତେବେଳେ ମୁଁ ସ୍କୁଲରେ ପଢୁଥିଲି ମୋର ଆଶା ଥିଲା ବହୁତ ପାଠ ପଢ଼ିବି। ହେଲେ ବଡ ହୋଇ ଜଣେ ରେସଲର ହେବି। ତେଣୁ ସେହି ସମୟରେ ଅନେକ ରେସଲିଂ ଭିଡିଓ ଦେଖିଛି। କିନ୍ତୁ ପରେ ଅଭିନୟ ମାୟାରେ ମୁଁ ଏମିତି ପଡିଗଲି ଯେ, ରେସଲର ହେବାର ସ୍ୱପ୍ନ ମୋର ଅଧୁରା ରହିଗଲା। ଅବଶ୍ୟ ଏକଥା ଏବେ ମନେ ପଡିଲେ ଟିକେ ମନ ଦୁଃଖ ହୁଏ। ହେଲେ କ'ଣ କରିବା। ଆମକୁ ସବୁବେଳେ ବର୍ତ୍ତମାନ ସହ ପାଦ ମିଳାଇ ଚାଲିବାକୁ ପଡିବ।'' ଏବେ ତାଙ୍କ ଅଭିନୀତ 'ସନି ସଂସ୍କାରି କି ତୁଲସୀ କୁମାରୀ' ରିଲିଜ ଅପେକ୍ଷାରେ ରହିଛି।


ବରୁଣ


ରକୁଲ

ପ୍ରଥମ ରୋଜଗାର

# ନନାଙ୍କୁ ଦେଇଥିଲି ମୋ ପ୍ରଥମ ରୋଜଗାର



ଲେଖିକା ପ୍ରଣତି ଆଚାର୍ଯ୍ୟ ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ମୋ** ନନା ଥିଲେ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ। ସେ ହିଁ ଆମ ପରିବାରର ଏକମାତ୍ର ଉପାର୍ଜନକ୍ଷମ ବ୍ୟକ୍ତି। ୪ ଭାଇଭଉଣୀଙ୍କ ମଧ୍ୟରେ ମୁଁ ଥିଲି ସବୁଠାରୁ ସାନ। ସେଥିପାଇଁ ସମସ୍ତଙ୍କର ଗେହ୍ଲା। ଜମିବାଡ଼ି ଅଧିକ ଥିଲା ବୋଲି ଜେଜେବାପା ନନାଙ୍କୁ ଗାଁରୁ ଦୂରକୁ ଛାଡ଼ୁ ନ ଥିଲେ। ତେଣୁ ନନା ଗାଁ ପାଖ ସ୍କୁଲରେ ଶିକ୍ଷକତା କରୁଥିଲେ। ମୁଁ ୫ମଶ୍ରେଣୀରେ ପଢ଼ିଲାବେଳକୁ ମୋ ବଡ଼ ଭାଇଭଉଣୀ ବିବାହ କରିସାରିଥିଲେ। ଭାଇନା ଭାଉଜଙ୍କୁ ନେଇ ଯାଇଥିଲେ ତାଙ୍କ ଚାକିରି ସ୍ଥାନକୁ। ଘରେ କେବଳ ମୁଁ, ନନାବୋଉ ଆଉ ଜେଜେବାପା। ପରୀକ୍ଷା ହେଉ କି କୌଣସି ପ୍ରତିଯୋଗିତା ଥିଲେ, ନନା ସବୁବେଳେ ଆଗରୁ ବୁଝାଇ ଦେଉଥିଲେ, ଏପରି କରିବୁ ସେପରି କରିବୁ ବୋଲି। ତାଙ୍କରି ଆଶୀର୍ବାଦରୁ ଭଲ ପଢୁଥିବା ଯୋଗୁ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇଲି ; ଯେଉଁଥିରେ ଖୁସି ହୋଇ ଭାଇନା ମୋତେ ଏକ ସାଇକେଲ ଉପହାର ଦେଇଥିଲେ। ସେତେବେଳେ ମୁଁ ଥିଲି ଆମ ଗାଁର ପ୍ରଥମ ଝିଅ ; ଯିଏକି ସାଇକେଲରେ ପ୍ରାୟ ୫ କି.ମି. ସ୍କୁଲକୁ ଯିବା ଆସିବା କରୁଥିଲି। କହିବାକୁ ଗଲେ, ନିଜର ପରିଶ୍ରମ ଏବଂ ନନାବୋଉଙ୍କ ଆଶୀର୍ବାଦ ଯୋଗୁ ମୋର ରୋଜଗାରର ଅୟମାରମ୍ଭ ସ୍କୁଲରେ ପଢ଼ିଲାବେଳୁ ହିଁ ହୋଇଯାଇଥିଲା। ୬ଷ୍ଠଶ୍ରେଣୀରେ ଏକ ଭାଷଣ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ହୋଇଥିଲି। ସ୍କୁଲର ସିଆଇ ସାର୍ ମୋତେ ୫୦ ଟଙ୍କା ପୁରସ୍କାର ଦେଇଥିଲେ। ସେତେବେଳେ ଛୋଟ ଥିଲି, ଜାଣି ନ ଥିଲି ରୋଜଗାରର ଅର୍ଥ କ'ଣ। କିନ୍ତୁ ଦୌଡ଼ି ଆସି ନନାଙ୍କୁ ଧରାଇ ଦେଇଥିଲି ସେହି ଟଙ୍କାକୁ; ଯାହାର ବାସ୍ନା ଆଉ ଆପଣାପଣରେ ସତେ ଯେମିତି ନନା ସେଦିନ ଭିଜିଯାଇଥିଲେ। ଜୀବନରେ ବହୁତ ଟଙ୍କା ଆସିଛି ଯାଇଛି, ହେଲେ ସେଦିନର ସେହି ଦୃଶ୍ୟ ଥିଲା ନିଆରା ଆଉ ମୋ ପାଇଁ ଅବିସ୍ମରଣୀୟ। ମୁଁ ବଡ଼ ହେଲା ପରେ ନନା ତାଙ୍କ ନାତିନାତୁଣୀଙ୍କୁ ମୋର ଉଦାହରଣ ଦେଉଥିବାର ଅନେକ ଥର ଶୁଣିଛି। ସେ କଥା ଶୁଣି ତାଳୁରୁ ତଳିପା ଯାଏଁ ରୋମାଞ୍ଚିତ ହୋଇଯାଇଛି। ପିଲାଦିନୁ ନନାଙ୍କୁ ଦେଖିଛି ସର୍ବଦା ନିଜ ଦରମା ବୋଉକୁ ଧରାଇଦେବାର। ବୋଉ ତାକୁ ସଯତ୍ନରେ ରଖେ। ନନାଙ୍କ ପାଖରେ ହିସାବ, ବୋଉ ପାଖରେ ଟଙ୍କା। ବୋଉ କିପରି ସବୁବେଳେ ବଳକା ଟଙ୍କା ରଖିଥାଏ, ସେହି ସଞ୍ଚୟ କରିବାର ତରିକାଟି ମୁଁ ବୋଉଠାରୁ ଶିଖିଥିଲି। ମୋର ଏମ୍ଏ ପଢ଼ା ଅଧାରୁ ବିବାହ ହୋଇଗଲା। ସ୍ୱାମୀ ଲଳିତ ମୋହନ ମିଶ୍ର, ସହକାରୀ ଶିକ୍ଷକ। ସେତେବେଳେ ସେ ଥିଲେ ସୁଦୂର ନବରଙ୍ଗପୁରରେ। ସେଠାରେ ଏକ ବ୍ଲକ୍ ଗ୍ରାଣ୍ଟ ସ୍କୁଲରେ ମୋତେ ପଢ଼ାଇବାକୁ ସୁଯୋଗ ମିଳିଲା। କେତେଜଣ ପିଲା ଟ୍ୟୁଶନ ପାଇଁ ବି ଆସୁଥିଲେ। ହେଲେ ମୁଁ ସେମାନଙ୍କଠାରୁ ପାରିଶ୍ରମିକ ନେଉ ନ ଥିଲି। ସେଥିପାଇଁ ତାଙ୍କ ବାପାମା'ମାନେ କେତେବେଳେ ମାଣ୍ଡିଆ, ଗହମ ତ ଆଉ କେତେବେଳେ ଟମାଟୋ, କୋବି ; ଯାହା ବାଡ଼ିରେ ଫଳୁଥିଲା ନେଇ ଆସୁଥିଲେ ଆମ ପାଇଁ। ଆଉ କହୁଥିଲେ, 'ତୁଇ ପଇସା ନାଇ ରଖିବାର କିସ୍ ପାଇଁ।' ଭାରି ଭଲ ଲାଗୁଥିଲା ସେମାନଙ୍କ ଆତ୍ମୀୟତା, ଆପଣାପଣ। କିଛିଦିନ ପରେ ଆମେ ନବରଙ୍ଗପୁର ଛାଡ଼ି ଚାଲି ଆସିଥିଲୁ ଗଜପତି ଜିଲା। ମୋର ପାଠପଢ଼ାରେ ଆଗ୍ରହ ଦେଖି ସ୍ୱାମୀ ମୋତେ ପଢ଼ିବାର ସୁଯୋଗ ଦେଲେ ; ଯେଉଁଥିପାଇଁ ବ୍ରହ୍ମପୁର ୟୁନିଭର୍ସିଟିରୁ ଓଡ଼ିଆରେ ଏମ୍ଏ ପାସ୍ କରିବା ସହ କମ୍ପ୍ୟୁଟରର ଏକ କୋର୍ସ କରିଥିଲି। ହେଲେ ସେତେବେଳକୁ ମୋର ଝିଅ ତିତିକ୍ଷା ଜନ୍ମ ହୋଇ ସାରିଥାଏ। ତେଣୁ ଆଉ ଚାକିରି କରିପାରିଲି ନାହିଁ। କିନ୍ତୁ କଥାରେ ଅଛି ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ। କେବଳ ଚାକିରି କରି ଯେ ରୋଜଗାର କରି ହେବ ତାହା ନୁହେଁ। ଶିକ୍ଷା ନିଜକୁ ଆତ୍ମନିର୍ଭରଶୀଳ କରାଏ। ସେହି ସମୟରେ ନାଳନ୍ଦା ବିଶ୍ୱବିଦ୍ୟାଳୟର ଜଣେ ପରିଚିତ ପ୍ରଫେସର ମୁଁ ଏମ୍ଏ କରିଛି ଜାଣି, ନିଜର ଏକ ପୁସ୍ତକ ମୋତେ ଅନୁବାଦ କରିବାକୁ ଦେଲେ। ମୁଁ ସମୟ ପୂର୍ବରୁ ତାଙ୍କୁ ଅନୁବାଦ କରି ଦେଇଥିଲି। ସେ ଖୁସିରେ ୨୦ ହଜାର ଟଙ୍କା ମୋତେ ଦେଇଥିଲେ। ପରେ ଜାଣିବାକୁ ପାଇଲି ଏହା କୌଣସି ବହିର ଅନୁବାଦ ନ ଥିଲା ବରଂ ଏକ ରିସର୍ଚ୍ଚ ପେପର ଥିଲା। ଯାହାବି ହେଉ ସେହି ଟଙ୍କାରେ ମୋ ବୋଉ ପାଇଁ ଶାଢ଼ି, ନନାଙ୍କ ପାଇଁ ସ୍ୱେଟର, ସ୍ୱାମୀଙ୍କ ପାଇଁ ଶାର୍ଟ ଓ ଝିଅ ପାଇଁ ଡ୍ରେସ୍ କିଣିଥିଲି। ଏବେ ମୁଁ ଅନ୍ୟ ଏକ ରିସର୍ଚ୍ଚ ପେପର ଅନୁବାଦ କରୁଛି ଏବଂ ସାହିତ୍ୟ ସାଧନାରେ ମଧ୍ୟ ବ୍ରତୀ ରହିଛି। ୟା' ଭିତରେ ମୋର ଦୁଇଟି କବିତା ସଙ୍କଳନ 'ଶେଫାଳୀର ହସ' ଓ 'ସ୍ୱପ୍ନାବେଶ' ପ୍ରକାଶ ପାଇସାରିଛି। ତା'ସହ ବିଭିନ୍ନ ପତ୍ରପତ୍ରିକା, ଖବରକାଗଜରେ ମୋର ଲେଖା ପ୍ରତ୍ୟହ ପ୍ରକାଶିତ ହେଉଛି। କହିବାକୁ ଗଲେ, ସାହିତ୍ୟ ମୋତେ ଏକ ନୂଆ ପରିଚୟ ଦେଇଛି।

# ମନରେ ରହିଛି ମନର କଥା, ଭାବନାରେ ଘୂରି ଯାଉଛି ମଥା

ସାଥୀ



**ପ୍ରଶ୍ନ**–ଜଣେ ସୁନ୍ଦରୀ କଥା ମୁଁ ସବୁବେଳେ ବସି ଭାବୁଛି। ଏବେ କ'ଣ କରିବି ମୋତେ କିଛି ଉପାୟ ବତାଇବେ କି ? *–ଅମନ କୁମାର ଦାସ, ବ୍ରହ୍ମପୁର*

**ଉତ୍ତର :** ପ୍ରେମ ରାଇଜ ଯେତିକି ରଙ୍ଗୀନ ତା'ଠାରୁ ପ୍ରେମକୁ ନେଇ ଭାବିବା ଆହୁରି ରଙ୍ଗୀନ। ଏହି ଭାବନା ସମୟରେ ମନରେ କାହିଁ କେତେ ନୂଆ ନୂଆ କଥା ଉଦ୍‌ଭାସିତ ହୋଇଉଠେ। ହେଲେ ତାହା ବାସ୍ତବର ରୂପ ନେବା ଦରକାର। 'ମନରେ ରହିଛି ମନର କଥା, ଭାବନାରେ ଘୂରି ଯାଉଛି ମଥା।' ଯଦି ସମ୍ଭବ ତେବେ ତାହାର ଠିକଣା ପାଇବାକୁ ଚେଷ୍ଟା କରନ୍ତୁ। ଆଉ କେବେ ଭେଟ ହୋଇଗଲେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ କହି ପକାନ୍ତୁ। ଯଦି ସେହି କଥା ସୁନ୍ଦରୀ ମନକୁ ଛୁଇଁ ପାରିଲା, ତେବେ ଧରିନିଅନ୍ତୁ, ଯାହାକୁ ନେଇ ଆପଣ ଟେନସନରେ ଅଛନ୍ତି ତାହା ଶୀଘ୍ର ଦୂର ହୋଇଯିବ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ସେ ତାକୁ ଗ୍ରହଣ କରିବ କି ? *–ବିସ୍ମୟ ସାହୁ କଟକ*

**ଉତ୍ତର :** 'ସ୍ୱପ୍ନ ସୁନ୍ଦରୀ କନକ ଗୋରୀ, ତା' ଚାହାଣୀ କରିଛି ମନକୁ ଚୋରି।' ତା'ର ସେହି ଚାହାଣୀରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚି ରହିଛି। ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ସାଙ୍ଗ କଥାରେ ପଡି ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ଏବେ କ'ଣ କରିବି ? *–ତନ୍ମୟ କୁମାର, ରାଉରକେଲା*

**ଉତ୍ତର :** ଯେତେବେଳେ ସାଙ୍ଗ କଥାରେ ପଡି ସେହି ସୁନ୍ଦରୀକୁ ଭଲ ପାଇଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା। ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଗଲା। ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। ତେଣୁ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ।

**ପ୍ରଶ୍ନ**–ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ? *–ବିଜୟ ପ୍ରହରାଜ, କୋରାପୁଟ*

**ଉତ୍ତର :** ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। କଥାରେ ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରିନ କରେ ସେଥିପ୍ରତି ସତର୍କ ରୁହନ୍ତୁ।

**ପ୍ରଶ୍ନ**–ମୋ ପ୍ରେମିକା ମୋ ସହ ନଖରାମି କରିବାକୁ ଭଲ ପାଏ। ଏହାଦ୍ୱାରା ଆମର ପ୍ରେମ ପ୍ରଭାବିତ ହେବନି ତ ? *–ଦୀପକ ନାୟକ, ଜଗତସିଂହପୁର*

**ଉତ୍ତର :** ବେଳେବେଳେ ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ।

କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତା'ର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣାନ୍ତୁ।

# ଦାମୀ ସନ୍‌ଗ୍ଲାସ୍



**ଖରାରେ ଆଖିକୁ ଆରାମ ଦିଏ, ଲୁକ୍‌କୁ ଷ୍ଟାଇଲିଶ୍ କରାଏ ସନ୍‌ଗ୍ଲାସ୍। ତେବେ ଆଉ କିଛି ସନ୍‌ଗ୍ଲାସ୍ ଅଛି, ଯାହାର ଡିଜାଇନ ଓ ଲୁକ୍ ଏତେ ଖାସ୍ ଯେ, ପିନ୍ଧିବାକୁ ତ ଇଚ୍ଛା ହେବ। ହେଲେ ଏହାକୁ କିଣିବା ସମସ୍ତଙ୍କ ପକ୍ଷେ ସମ୍ଭବ ହେବନାହିଁ। କାରଣ ଏସବୁ ହେଉଛି ପୃଥିବୀର ଦାମୀ ସନ୍‌ଗ୍ଲାସ୍...**



**ଚପାର୍ଡ ସନ୍‌ଗ୍ଲାସ୍:** ସୁଇଜରଲାଣ୍ଡର ପ୍ରସିଦ୍ଧ ଗହଣା ନିର୍ମାତା ଚପାର୍ଡ ପାଇଁ ସନ୍‌ଗ୍ଲାସ୍ ନିର୍ମାତା ଡି'ରିଗୋ ଭିଜନ୍ ଏହି ସନ୍‌ଗ୍ଲାସ୍‌କୁ କ୍ରାଫ୍ଟ କରିଛି। ଏହାକୁ ପୃଥିବୀର ସବୁଠାରୁ ଦାମୀ ସନ୍‌ଗ୍ଲାସ୍ ବୋଲି କୁହାଯାଏ। ଏହାର ମୂଲ୍ୟ ୪,୦୦,୦୦୦ ଡଲାର। ୬୦ ଗ୍ରାମର ୨୪ କ୍ୟାରେଟ ସୁନାରେ ତିଆରି ଏହି ସନ୍‌ଗ୍ଲାସ୍‌ରେ ୪ କ୍ୟାରେଟ୍‌ର ୫୧ଟି ଫୁଲକଟ୍ ରିଭର୍ ଡାଇମଣ୍ଡ ଖଚିତ ହୋଇଛି। ଗ୍ୱେନିଥ୍ ପାଲ୍‌ଟ୍ରୋ, ଟମ୍ ଜୋନ୍ସ ଏବଂ ଏଲ୍‌ଟନ୍ ଜନ୍‌ଙ୍କ ଭଳି ହଲିଉଡ୍ ସେଲିବ୍ରିଟି ଏହି ସନ୍‌ଗ୍ଲାସ ରଖିଛନ୍ତି।



**ଡଲ୍ସ ଆଣ୍ଡ ଗବାନା ଡିଜି୨୦୨୭ବି ସନ୍‌ଗ୍ଲାସ୍:** ପୃଥିବୀର ଦ୍ୱିତୀୟ ଦାମୀ ସନ୍‌ଗ୍ଲାସ୍‌ଭାବେ ପ୍ରସିଦ୍ଧ ଡଲ୍ସ ଆଣ୍ଡ ଗବାନା କମ୍ପାନୀର ଡିଜି୨୦୨୭ବି ମଡେଲର ସନ୍‌ଗ୍ଲାସ୍ ପରିଚିତ, ଯାହାର ମୂଲ୍ୟ ୩,୮୩, ୦୦୦ ଡଲାର। ଏହାର ଫ୍ରେମ୍ ସଲିଡ୍ ଗୋଲ୍ଡରେ ତିଆରି। ଏହାର ଦୁଇ ଆର୍ମରେ ହୀରା ଖଚିତ ହୋଇ ବ୍ରାଣ୍ଡର ନାଁ ଲେଖାଯାଇଛି। ଆଉ ଏହାର ବ୍ରାଉନ୍ ଟିଣ୍ଟେଡ ଗ୍ଲାସ୍ ଏହାକୁ ଲକ୍‌ଜ୍ୟୁରିୟସ୍ ଲୁକ୍ ଦିଏ।

**ଶିଲ୍ସ ଏମାରେଲ୍ଡ ସନ୍‌ଗ୍ଲାସ୍:** ଅଷ୍ଟ୍ରେଲିଆର ଖ୍ୟାତନାମା ଗହଣା ନିର୍ମାତା ଶିଲ୍ସ ଜୁଏଲର୍ସ ଏହି ସନ୍‌ଗ୍ଲାସ୍‌କୁ ଡିଜାଇନ କରିଛନ୍ତି। ଏଥିରେ ହୋଇଥିବା କାରିଗରି ଓ ଖଚିତ ହୋଇଥିବା ଦାମୀ ରତ୍ନ ଏହାକୁ ଦାମୀ କରାଏ। ଏହାର ମୂଲ୍ୟ ୨,୦୦,୦୦୦ଡଲାର। ଏହି ସନ୍‌ଗ୍ଲାସ୍‌ର ଲେନ୍ସ ଇମେରାଲ୍ଡରେ ତିଆରି। ଇମେରାଲ୍ଡକୁ ଲେନ୍ସର ଆକାର ଦେବା, ପଲିଶ୍ କରିବା ଓ କାଟିବା ଲାଗି ୫ ବର୍ଷ ଲାଗିଥିଲା। ଏହାର ଫ୍ରେମ୍ ବି ସାଧାରଣ ନୁହେଁ। ଏହାକୁ ୧୮ କ୍ୟାରେଟ୍ ସୁନାରେ ତିଆରି କରାଯାଇଛି। ଏହି ମାଷ୍ଟରପିସ୍‌କୁ ତିଆରି କରିବାର ଯୋଜନା ରୋମର ସମ୍ରାଟ ନେରୋଙ୍କଠାରୁ ଆସିଛି। କାରଣ ଗ୍ଲାଡିଏଟର୍ ଯୁଦ୍ଧ ଦେଖିବାବେଳେ ନେରୋ ଏକ ସବୁଜ ରଙ୍ଗର ରତ୍ନର ଲେନ୍ସ ବ୍ୟବହାର କରୁଥିଲେ।





**ପାନ୍ଥର ଡି କାର୍ଟିଏର ସନ୍‌ଗ୍ଲାସ୍:** କ୍ଲାଟ୍ ଆଇ ଶେପ୍‌ର ଏହି ରିମ୍‌ଲେସ୍ ସନ୍‌ଗ୍ଲାସ୍ ଦେଖିବାକୁ ବେଶ୍ ଷ୍ଟାଇଲିଶ ଓ ଲକ୍‌ଜ୍ୟୁରିଅସ୍। ଏହାର ଦୁଇ ଆର୍ମ ସୁନାରେ ତିଆରି। ଏଥିରେ ବ୍ୟବହାର ହୋଇଥିବା ବ୍ରାଉନ୍ ଲେନ୍ସ ସନ୍‌ଗ୍ଲାସ୍‌କୁ ଲକ୍‌ଜୁରିଅସ ଲୁକ୍ ଦିଏ। ଏହାର ମୂଲ୍ୟ ୧,୫୯,୦୦୦ ଡଲାର।

**ବୁଲଗାରିଆ ଫ୍ଲୋରା ସନ୍‌ଗ୍ଲାସେସ୍:** ଇଟାଲୀର ପ୍ରସିଦ୍ଧ ଲକ୍‌ଜୁରି ବ୍ରାଣ୍ଡ ବୁଲଗାରିଆ ଆଣିଛି ଏହି ସନ୍‌ଗ୍ଲାସ୍, ଯାହାର ଫ୍ରେମ୍ ୧୮ କ୍ୟାରେଟ ସୁନାରେ ତିଆରି। ତା'ସହ ଏହାର ଆର୍ମରେ ହୀରା ଓ ବ୍ଲୁ ସାଫାୟର୍‌ର ସୁନ୍ଦର ଫୁଲର ଡିଜାଇନ ହୋଇଛି, ଯାହାକି ଏହାର ଲୁକ୍‌କୁ ଆହୁରି ଆକର୍ଷକ କରାଏ। ଏହାର ମୂଲ୍ୟ ୫୯,୦୦୦ ଡଲାର।

**ଲୁଗାନୋ ଡାଇମଣ୍ଡସ୍ ସନ୍‌ଗ୍ଲାସ୍:** ଲୁଗାନୋ ଡାଇମଣ୍ଡସ୍ ହେଉଛି ଏକ ଅନ୍ତର୍ଜାତୀୟ ଜୁଏଲେରି ଫାର୍ମ। ଏହି ଫାର୍ମ ଡିଜାଇନର ବାର୍ଟୋନ ପିଏରାଙ୍କ ସହ ହାତ ମିଳାଇ ଉକ୍ତ ସୁନ୍ଦର ସନ୍‌ଗ୍ଲାସ୍ ତିଆରି କରିଛନ୍ତି। ପିଙ୍କ୍ ଲେନ୍ସ ସହ ଗୋଲ୍ଡ ଫ୍ରେମ୍ ଓ ସେଥିରେ ୨.୮୫ କ୍ୟାରେଟ୍‌ର ପିଙ୍କ୍ ଡାଇମଣ୍ଡର ସୁନ୍ଦର କାରୁକାର୍ଯ୍ୟ ଏହାକୁ ଖାସ୍ କରାଏ। ଫ୍ରେମ୍‌ରେ ୩.୫୯ କ୍ୟାରେଟ୍‌ର ବ୍ଲାକ୍ ଡାଇମଣ୍ଡରେ ହୋଇଥିବା ଲିଓପାର୍ଡ ପ୍ରିଣ୍ଟ ଏହାର ଲୁକ୍‌କୁ ଲକ୍‌ଜୁରିଅସ କରାଏ।

**କାର୍ଟିୟର ପ୍ୟାରିସ୍ ୧୮କେ ସନ୍‌ଗ୍ଲାସ୍:** ରେଟ୍ରୋ ଷ୍ଟାଇଲ୍ ସହ ଗ୍ଲାମର ଲୁକ୍ ପାଇବାକୁ ଚାହୁଁଥିଲେ ଏହି ସନ୍‌ଗ୍ଲାସ୍ ବେଷ୍ଟ ଅପ୍ସନ। ଏହାର ବ୍ରାଉନ ଗ୍ରାଡିଏଣ୍ଟ ଲେନ୍ସ, ୧୮ କ୍ୟାରେଟ୍ ସୁନାରେ ତିଆରି ଫ୍ରେମ୍ ଓ ଏହି ଫ୍ରେମ ଚାରିପଟେ ଖଚିତ ହୋଇଥିବା ଛୋଟ ଛୋଟ ହୀରା ଏହାର ଲୁକ୍‌କୁ ଖୁବ୍ ଆକର୍ଷକ କରାଏ। ଏହି ସନ୍‌ଗ୍ଲାସ୍‌ର ମୂଲ୍ୟ ୨୫,୦୦୦ ଡଲାର।





ସ୍ୱାଗତିକା

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧,

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ଓଭରଫ୍ଲୋ

ସ୍ୱାମୀ ସ୍ତ୍ରୀକୁ: କୁଆଡ଼େ ଯାଇଥିଲ ?
ସ୍ତ୍ରୀ: ରକ୍ତଦାନ କରିବାକୁ।
ସ୍ୱାମୀ: ମୋ ରକ୍ତ ପିଇ ପିଇ ତମ ଦେହରେ ରକ୍ତ ଓଭରଫ୍ଲୋ ହେଲା ନା କ'ଣ ? ଏବେ ବାଣ୍ଟୁଛ ଯେ ?

### ସିଙ୍ଗର୍

ପୁରୁଣା ରେଡିଓ ଖରାପ ହେଇକି ପଡ଼ିଥାଏ। କେହି ନ ଥିବାବେଳେ ଥରେ ମୁନା ତାକୁ ଖୋଲିଲା। ଆଉ କହିଲା- ଆଜି ମୁଁ ଦେଖିବି ଏଥିରୁ ଗୀତ କ'ଣ ପାଇଁ ଶୁଭୁନି। ଖୋଲିଲା ପରେ ଦେଖିଲା ଭିତରେ ମୂଷାଟେ ମରିକି ପଡ଼ିଛି।
ମୁନା:ଆରେ ଆରେ ଗୀତ ଏଇଥିପାଇଁ ଶୁଭୁନି... ସିଙ୍ଗର୍ ତ ମରିକି ପଡ଼ିଛି ଗୀତ ଭଲା କେମିତି ଶୁଭନ୍ତା ?

### ଶୌଚାଳୟ

ପାଠ ପଢି ନ ଥିବା ଗୋପୀ ରାଜୁକୁ: ମୁଁ ଆଜି ଶୁଣିଲି ଜଣେ ଲୋକ କହୁଥିଲେ 'ଆଇ ଆମ ଗୋଇଂ ଟୁ ଟଏଲେଟ୍'। ଯାର ଅର୍ଥ କ'ଣ ?
ରାଜୁ: ମୁଁ ଶୌଚାଳୟ ଯାଉଛି।
ଗୋପୀ: ଏମିତି କେମିତି ପଳେଇବୁ ? ଆଗ ଉତ୍ତର କହ ତା'ପରେ ଯାଇ ଯିବୁ। ଯାହାକୁ ପଚାରୁଛି ସିଏ କହୁଛି ମୁଁ ଶୌଚାଳୟ ଯାଉଛି। ତୁ କିନ୍ତୁ ମତେ ଉତ୍ତର ନ ଦେବା ଯାଏ କୁଆଡ଼େ ଯାଇପାରିବୁନି।



## ଅନନ୍ୟ ପର୍ଯ୍ୟଟନସ୍ଥଳୀ

# ୟେଲାଗିରି





**ତାମିଲନାଡୁର ଏକ ଲୋକପ୍ରିୟ ହିଲ୍‌ଷ୍ଟେଶନ ଭାବେ ୟେଲାଗିରିର ବେଶ୍ ନାଁ ରହିଛି। ପ୍ରକୃତିର ଅପୂର୍ବ ଶୋଭାକୁ ଉପଭୋଗ କରିବା ସହ ପର୍ଯ୍ୟଟକ ଏଠାରେ ଟ୍ରେକିଂ, ବୋଟିଂ, ରକ୍ କ୍ଲାଇମ୍ବିଂ ଆଦି ଦୁଃସାହସିକ କ୍ରୀଡ଼ାର ମଜା ମଧ୍ୟ ନେଇପାରିବେ ...**

ତାମିଲନାଡୁର ତିରୁପଥୁର ଜିଲା ଅନ୍ତର୍ଗତ ଏକ ଲୋକପ୍ରିୟ ପର୍ଯ୍ୟଟସ୍ଥଳୀ ହେଉଛି ୟେଲାଗିରି। ପ୍ରକୃତପକ୍ଷେ ଏହା ହେଉଛି ସ୍ଥାନୀୟ ଏକ ହିଲ୍‌ଷ୍ଟେଶନ। ଏହା ଏଲାଗିରି ନାଁରେ ବି ପରିଚିତ। ସମୁଦ୍ରପଉନରୁ ପ୍ରାୟ ୪୬୩୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏହି ହିଲ୍‌ଷ୍ଟେଶନଟି ଇଷ୍ଟର୍ଣ୍ଣ ଘାଟ୍ ମାଉଣ୍ଟେନ୍ ରେଞ୍ଜ୍‌ର ଏକ ଅଂଶ ମଧ୍ୟ। ସୂଚନାନୁଯାୟୀ, ପ୍ରାୟ ୭୨ ବର୍ଗ କି.ମି ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିବା ଏହି ହିଲ୍‌ଷ୍ଟେଶନ ଏରିଆରେ କୁଆଡ଼େ ପାଖାପାଖି ୧୪ଟି ଜନବସତି ଦେଖିବାକୁ ମିଳିଥାଏ। ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ସ୍ଥାନୀୟ ଅଞ୍ଚଳର ଅପୂର୍ବ ପ୍ରାକୃତିକ ଶୋଭାକୁ ମନଭରି ଉପଭୋଗ କରିବା ସହ ଏହି ଜନବସତିଗୁଡ଼ିକୁ ବୁଲିଯାଇ ସେମାନଙ୍କର ଚାଲିଚଳନ, ସଂସ୍କୃତି, ପରମ୍ପରା ସମ୍ପର୍କରେ ବହୁ ଅଜଣା ତଥ୍ୟ ସାଉଁଟିପାରିବେ।

### ନାମକୁ ନେଇ ଲୋକକଥା

ସ୍ଥାନୀୟ ଲୋକଙ୍କ ମତାନୁଯାୟୀ, ଏକଦା ଭଗବାନ ବିଷ୍ଣୁ ପୃଥିବୀ ଭ୍ରମଣରେ ଆସି ଏଠାକାର ଏହି ପାହାଡ ଉପରେ ନିଜ ପାଦ ରଖିଥିଲେ। କିନ୍ତୁ ତାଙ୍କ ପାଦର ଭାରକୁ ସହ୍ୟ କରିବା କାହା ପକ୍ଷେ ସମ୍ଭବପର ନଥିଲା। ସେଥିପାଇଁ ଭୟାତୁର ହୋଇ ସ୍ଥାନୀୟ ଲୋକମାନେ ୟେଲୋ ୟେଲୋ ବୋଲି ଚିଲ୍ଲାଇବାକୁ ଲାଗିଲେ। ପରବର୍ତ୍ତୀ ସମୟରେ ଏହି ଶବ୍ଦକୁ ନେଇ ସ୍ଥାନୀୟ ଅଞ୍ଚଳର ନାମ ୟେଲାଗିରି ହୋଇଥିବା ବିଶ୍ୱାସ କରାଯାଏ।


### କ'ଣ ଦେଖିବେ

ପାହାଡ ପର୍ବତ ଦ୍ୱାରା ଘେରି ହୋଇ ରହିଥିବା ଏହି ଅଞ୍ଚଳରେ ମଣିଷକୃତ ଏକ ହ୍ରଦ ରହିଛି ; ଯାହାର ନାଁ ହେଉଛି ପୁଙ୍ଗାନୁର୍ ହ୍ରଦ। ପ୍ରାୟ ୫୬.୭୧ ବର୍ଗ ମାଇଲ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି ହ୍ରଦରେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ବୋଟିଂର ବ୍ୟବସ୍ଥା ବି କରାଯାଇଛି। ତା'ଛଡ଼ା ଏହି ହ୍ରଦକୁ ଲାଗି ଏକ ପାର୍କ ମଧ୍ୟ ରହିଛି। ସେହିପରି ଏହି ଅଞ୍ଚଳର ସବୁଠାରୁ ଉଚ୍ଚତମ ପଏଣ୍ଟ ହେଉଛି ସ୍ୱାମୀମଲାଇ ହିଲ୍ସ ; ଯେଉଁଠାରେ ପର୍ଯ୍ୟଟକ ଅର୍କିଡ୍, ଗୋଲାପ ଫୁଲର ବଗିଚା ଦେଖିବା ସହିତ ଗ୍ରୀନ୍ ଭାଲିର ଅପୂର୍ବ ଦୃଶ୍ୟକୁ ମନଭରି ଉପଭୋଗ କରିପାରିବେ। ତା'ସହିତ ପର୍ଯ୍ୟଟକ ଚାହିଁଲେ ଏଠାରେ ଟ୍ରେକିଂ, ପାରାଗ୍ଲିଡିଂ, ରକ୍ କ୍ଲାଇମ୍ବିଂ ଭଳି ଦୁଃସାହସିକ କ୍ରୀଡ଼ାର ମଧ୍ୟ ମଜା ନେଇପାରିବେ। ଏଥିପାଇଁ ଏଠାରେ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥା ବି କରାଯାଇଛି। ଏହାଛଡ଼ା ଏହି ହିଲ୍‌ଷ୍ଟେଶନ ଅଞ୍ଚଳରେ ଅନେକ ଆଧ୍ୟାତ୍ମିକ ପୀଠ ମଧ୍ୟ ରହିଛି। ଯେମିତିକି: କଲ୍ୟାଣ ଭେଙ୍କଟରମଣ ପେରୁମାଲ ମନ୍ଦିର, ନୀଲଭୂର୍ ଅମ୍ମନ ମନ୍ଦିର, ଜଲଗଣ୍ଡେଶ୍ୱର ମନ୍ଦିର, ଭେଲଭାନ୍ ମନ୍ଦିର ଇତ୍ୟାଦି ଅନ୍ୟତମ। ଏସବୁ ବ୍ୟତିତ ଏଠାରେ ବିଭିନ୍ନ ସମୟରେ ନାନା ଉତ୍ସବର ମଧ୍ୟ ଆୟୋଜନ କରାଯାଇଥାଏ। ଯେମିତିକି ମେ' ମାସରେ ହେଉଥିବା ୟେଲାଗିରି ସମର୍ ଫେଷ୍ଟିଭାଲ୍ ହେଉଛି ଏଠାକାର ଏକ ପ୍ରମୁଖ ଉତ୍ସବ ; ଯାହାକୁ ଦେଖିବାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ସେହିପରି ବର୍ଷର ବିଭିନ୍ନ ସମୟରେ ଫ୍ଲାୱାର୍ ଶୋ', ଡଗ୍ ଶୋ'ର ବି ଏଠାରେ ଆୟୋଜନ କରାଯାଇଥାଏ ; ଯାହା ପର୍ଯ୍ୟଟକଙ୍କୁ କିଛିଟା ନିଆରା ଅନୁଭୂତି ପ୍ରଦାନ କରିଥାଏ। ଖାସ୍ ଏହିସବୁ କାରଣ ପାଇଁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳେ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ବି ଶୀତଦିନେ ଓ ଖରାଦିନେ ଏଠାରେ ପର୍ଯ୍ୟଟକଙ୍କର ବହୁ ଗହଳି ପରିଲକ୍ଷିତ ହୋଇଥାଏ। ସାଲେମ୍ ଏୟାରପୋର୍ଟ ଏହାର ନିକଟତମ ବିମାନବନ୍ଦର ହୋଇଥିବାବେଳେ, ଜୋଲାରପେଟ୍ଟାଇ ଜଙ୍କସନ୍ ହେଉଛି ଏହାର ନିକଟତମ ରେଳଷ୍ଟେଶନ।





# ଗାଲରେ ଡିମ୍ପଲ ଆସେ କେମିତି



**ହସିଦେଲେ ଗାଲରେ ପଡିଯାଉଥିବା ଛୋଟିଆ ଗାତ ହେଉଛି ଡିମ୍ପଲ୍। ଯାହା ଚେହେରାର ସୌନ୍ଦର୍ଯ୍ୟ ବଢାଏ। ଏହି ବିଉଟି ସ୍ପଟ କିନ୍ତୁ ସମସ୍ତଙ୍କ ଗାଲରେ ଆସି ନ ଥାଏ। ତେବେ କେବେ ଭାବିଛନ୍ତି କି ଏହା ଚେହେରାରେ ଆସେ କେମିତି? ଏଥର ଜାଣନ୍ତୁ ସେ ସମ୍ପର୍କରେ...**

କାହିଁ କେବେଠାରୁ ଆକର୍ଷକ ଚେହେରାର ପରିଚୟ ପାଲଟିଛି ଡିମ୍ପଲ। ଅନେକ ସେଲିବ୍ରିଟି ବି ସେମାନଙ୍କ ଡିମ୍ପଲ ପାଇଁ ବେଶ୍ ପରିଚିତ। କାରଣ ଡିମ୍ପଲ ତାଙ୍କ ଚେହେରାର ସୌନ୍ଦର୍ଯ୍ୟକୁ ବଢାଇ ଦେଇଥାଏ। ତେବେ ଜାଣନ୍ତି କି ଏହି ଗାଲରେ ଡିମ୍ପଲ କେମିତି ପଡେ ? ଚେହେରାରେ ପଡୁଥିବା ଏହି ଡିମ୍ପଲ ମାଂସପେଶୀର ଏକ ସ୍ୱତନ୍ତ୍ର ସଂରଚନା ଯୋଗୁ ହୋଇଥାଏ। ଖାସ୍‌କରି ଜାଇଗୋମାଟିକସ୍ ମେଜର୍ ମାଂସପେଶୀ ଯୋଗୁ ଏହା ହୋଇଥାଏ। ଏହି ମାଂସପେଶୀ ଆମ ଗାଲର ହାଡରୁ ଆରମ୍ଭ ହୋଇ ପାଟି ପର୍ଯ୍ୟନ୍ତ ଯାଇଥାଏ। ଯେଉଁମାନଙ୍କର ଡିମ୍ପଲ ହୁଏ ସେମାନଙ୍କର ଏହି ମାଂସପେଶୀ ଦୁଇଭାଗରେ ବିଭକ୍ତ ହୋଇଯାଏ। ଯାହାକୁ ବିଫିଡ ଜାଇଗୋମାଟିକସ୍ ମେଜର କୁହାଯାଏ।ଏହି ମାଂସପେଶୀର ଏକ ଅଂଶ ମୁହଁର ଏକ କୋଣ ସହ ସଂଯୋଗ ହୋଇ ରହିଥିବାବେଳେ ଅନ୍ୟ ଅଂଶ ଥୋଡ଼ିର ମାଂସପେଶୀ ସହ ସଂଯୋଗ ହୋଇ ରହିଥାଏ। ଯେବେ ଚେହେରା ହଲିଥାଏ ମାଂସପେଶୀ ସ୍କିନ୍‌କୁ ଭିତର ଆଡକୁ ଟାଣି ହୋଇଯାଏ।ଯଦ୍ୱାରା ଡିମ୍ପଲର ଇଫେକ୍ଟ ପଡ଼େ।

**ଆନୁବଂଶିକ କାରଣ:** ଡିମ୍ପଲ୍ସର ଆନୁବଂଶିକ କାରଣ ବି ଅଛି। ଏହାର ଅର୍ଥ ହେଉଛି ଯଦି ମା' ବାପା ଭିତରୁ କାହାର ବି ଡିମ୍ପଲ ହେଉଥାଏ ତେବେ ପିଲାଙ୍କ କ୍ଷେତ୍ରରେ ଏହା ଦେଖାଦେବାର ସମ୍ଭାବନା ଅଧିକ ଥାଏ। ଆଉ କେତେଜଣଙ୍କର ଜନ୍ମରୁ ଡିମ୍ପଲ ଥାଏ ହେଲେ ପରେ ଦେଖା ଯାଏନା। ତେବେ ସବୁଠୁ ଭଲ କଥା ହେଉଛି ଡିମ୍ପଲର ଶରୀର ଉପରେ କିଛି ନକାରାତ୍ମକ ପ୍ରଭାବ ପଡ଼ି ନ ଥାଏ।



କେହି କେହି ଏହାକୁ ସୌଭାଗ୍ୟର ପ୍ରତୀକ ଭାବେ ଧରୁଥିବାବେଳେ ଚାଇନାରେ ଡିମ୍ପଲକୁ କାହିଁ କେବେଠାରୁ ଆକର୍ଷକ ଓ ଶୁଭ ବୋଲି ଧରାଯାଏ। ଏଠାରେ ବିଶ୍ୱାସ ରହିଛି ଯେ, ଡିମ୍ପଲ ପଡୁଥିବା ହସ ପରିବାରରେ ଖୁସି ଆଣିଥାଏ। ଏସିଆର ଅନ୍ୟ ସ୍ଥାନର ସଂସ୍କୃତିରେ ବି ଡିମ୍ପଲକୁ ସୁନ୍ଦରତା ସହ ଯୋଡା ଯାଇଛି।

ମନୋବୈଜ୍ଞାନିକଙ୍କ ଦୃଷ୍ଟିକୋଣରୁ ଡିମ୍ପଲ ଚେହେରାର ଭାବକୁ ଅଧିକ ସୁନ୍ଦର କରିଥାଏ। ଯଦ୍ୱାରା ହସ ଆହୁରି ସୁନ୍ଦର ଓ ଆକର୍ଷକ ଲାଗେ। ଫଳରେ ସାମ୍ନା ଲୋକଙ୍କୁ ଲାଗେ ଯେ ବ୍ୟକ୍ତିଜଣକ ଅଧିକ ବନ୍ଧୁବତ୍ସଳ ଓ ମିଶାଣିଆ। କିଛି ଗବେଷଣା କହେ ଡିମ୍ପଲ ଥିବା ଚେହେରା ଭାବକୁ ଅଧିକ ବ୍ୟକ୍ତ କରିପାରେ।

ଗାଲ ବ୍ୟତିତ ଥୋଡିରେ ବି ଡିମ୍ପଲ ପଡ଼ିଥାଏ। ତେବେ ଏହି ଡିମ୍ପଲ ଜେନେଟିକ ହୋଇ ନ ଥାଏ। ବରଂ ଏଠାରେ ଥିବା ହାଡ ପରସ୍ପର ସହ ଯୋଡ଼ି ନ ହେବା ଯୋଗୁ ପଡ଼ିଥାଏ। ଆଜିକାଲି ଡିମ୍ପଲ ଇଫେକ୍ଟ ପାଇବା ପାଇଁ ଅନେକେ ସର୍ଜରୀ ବି କରାଉଛନ୍ତି। କାରଣ ଏହା ମୁହଁର ସୌନ୍ଦର୍ଯ୍ୟ ବଢାଇଥାଏ। ଯଦିଓ ଏହାକୁ ସୌନ୍ଦର୍ଯ୍ୟ ସହ ଯୋଡ଼ା ଯାଉଛି ହେଲେ ବିଜ୍ଞାନ କହେ ଏହା ଜେନେଟିକ ଡିଫେକ୍ଟ। ପୁରୁଷଙ୍କ ତୁଳନାରେ ଏହା ମହିଳାଙ୍କଠାରେ ଅଧିକ ଦେଖିବାକୁ ମିଳେ।

# କାନରେ ଏତେ ବଡ଼ କଣା!

କାନରେ ଝୁମ୍‌କା ଲଗେଇବା ଲାଗି ଝିଅମାନେ କାନ ଫଳିରେ ପିୟର୍ସିଂ କରିଥାନ୍ତି। କେହି କେହି ପୁଅ ବି କାନରେ ପିୟର୍ସିଂ କରିଥାନ୍ତି। ତେବେ ଜଣେ ବ୍ୟକ୍ତି କାନରେ ଏଭଳି ପିୟର୍ସିଂ କରିଛନ୍ତି ଯେ, ଯାହାକୁ ଦେଖି ଲୋକ ତାଜୁବ ହେଇ ଯାଉଛନ୍ତି। କାରଣ ଏହି କଣା ଏତେ ବଡ଼ ଯେ, ଏକ ଛୋଟିଆ ପ୍ଲେଟ୍ ତା' ଭିତରେ ରହିଯିବ। କାନ ଫଳିରେ ଏତେ ବଡ଼ କଣା କରିଥିବା ଏହି ବ୍ୟକ୍ତିଜଣକ ହେଉଛନ୍ତି ମାର୍କ ଗ୍ରୀନଲିଫ୍। ସେ ଆମେରିକା, ୱୋମିଙ୍ଗସ୍ଥ କ୍ୟାସ୍ପରର ନିବାସୀ ଅଟନ୍ତି। ସେ ନିଜ କାନର ଏହି କଣା ତଥା ଟନେଲରେ କାଠର ଏକ ଗୋଲାକାର ପ୍ଲେଟ୍ ରଖିପାରନ୍ତି, ଯାହାର ବ୍ୟାସ ୧୧.୪୮ ସେ.ମି.। ମାର୍କ ମାତ୍ର ୧୩ ବର୍ଷ ବୟସରୁ କାନର ପିୟର୍ସିଂକୁ ଟାଣିବା ଆରମ୍ଭ କରିଥିଲେ। ସବୁଦିନ ଏମିତି ଟାଣି ଟାଣି ସେ କଣାଟିକୁ ବଡ଼ କରିଛନ୍ତି। ଯଦିଓ ଏଭଳି କଲାବେଳେ କଷ୍ଟ ହେଉଥିଲା। ତଥାପି ସେ ଏମିତି ଟାଣିବା ଜାରି ରଖିଥିଲେ। ଶେଷରେ ୨୦୨୪, ଏପ୍ରିଲ ୨ ତାରିଖରେ ତାଙ୍କ କାନଫଳିର ପିୟର୍ସିଂଟି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ ବଡ଼ ଇୟରଲୋବ୍ ଟନେଲର ରେକର୍ଡ କଲା।







## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଆହେ ତ ଭାଗ୍ୟବାନ ଓଡ଼ିଆ

ଭଜୁକି ନା ନାମ ଦାଦନ କୁମର ଭଜୁ କି ଦାଦନ ନାମ ।
ଭଜିଭଜି ମଜ୍ଜି ପାରିରେ ରେ ଧନ ଜୀବନ ହେବରେ ଧନ୍ୟ ॥
ସେଇ କର୍ମ ବଡ଼ ସୁଖରେ ଶୁକୁଟା ନ ମଣିବୁ କେବେ ଦୁଃଖ ।
ବାହାର ରାଇଜେ ବାରଘଣ୍ଟା ଖଟି ମେଣ୍ଟାଇବୁ ଶୋଷ–ଭୋକ... ଇତ୍ୟାଦି ପଦକୁ ପଦ ଯୋଡ଼ି, ଗାଉଥିଲେ ଯେଉଁ ଆଶୁ–କବି, ତାଙ୍କ ଚେହେରା ଲାଗୁଥିଲା ଯୌବନ ଡେଇଁ ଚୌବନ ଛୁଇଁଲା ଭଳିଆ । ମୁଣ୍ଡରେ ଠେକାକୁ ଖୋଲା ଦେହ, ଅଣ୍ଟାରେ ଗାମୁଛା ଘେରେଇ କଛାମାରି ଗଛତଳେ ବସି ଗାଉଥିଲେ ଏମିତି ଗୀତ । ପଚାରିଲି.. ଆହେ ଭାଇ ! ଏମିତିଆ ପୁରାଣ ଗୀତକୁ ବିକୃତିଆ କରି ଗାଉଛ କିମ୍ପାଇଁ ? ଲାଗୁଛି ତମଭିତରେ କବିତ୍ୱର ସିନା ପ୍ରତିଭା ଅଛି, ହେଲେ କବିଙ୍କ ଦଳରେ ମିଶିନାହଁ କି କୋଉଠି ସମ୍ମାନିତ ହୋଇନାହଁ । ଲୋକଟି ମୋ ମୁହଁକୁ ଆଖି ତରାଟି ଅନେଇ କହିଲା, ସେ ଯୁଗ ବଦଳି ଗଲାଣି । ଆଉ ଭଜୁକି ନା ରାମ ନାମ ଗାଇଲେ କେହି ଶୁଣିବେନି । ମୁଁ ଯୋଉ ଏଯୁଗ ଭଜନ ଗାଇଲି, କହିଲ ବାବୁ ତମେ ଅଟକି ଶୁଣିଲ କି ନାହିଁ ? ଆମର ପୂର୍ବ ସ୍ୱାଭିମାନ କ'ଣ ଆଉ ଅଛି ? ତାହା ନୂଆ ଶବଦରେ ପରା ବଦଳି ଯାଇଛି । ଏବେ ଅହଂକାର ଅଭିମାନ ସବୁକୁ ଗିଳି ବିକୃତ କରିଦେଇଛି । ଦିନଥିଲା ମାଗଣା ଅନ୍ନ ଖାଇଲେ, ତାଙ୍କୁ ଛତରଖିଆ ମାଗିଖିଆ କହି ଲୋକେ ଭଲ ଆଖିରେ ଦେଖୁ ନ ଥିଲେ । ଆଉ ଏବେ ତ ମାଗି ଖାଇବା, ମାଗଣା ପାଇବାକୁ ଆଛା ଆଛା ଭଦ୍ରଲୋକ ଶିକ୍ଷିତ ବାବୁ ବି ଧାଡ଼ିରେ ମାଡି ଆସୁଛନ୍ତି । ପାରିବା ପଣିଆ ଭାବୁଛନ୍ତି । ଯାହା ଗରିବଙ୍କ ପାଇଁ ଆସୁଛି, ତାକୁ ଆଗେ ଏଇ ଦରିଦ୍ର–ଧନୀ ହାତେଇ ନେଇଯାଉଛନ୍ତି । ବାବୁ ! ଏବେ ଗରିବଙ୍କଠାରୁ ଧନୀଙ୍କ ଭୋକ ବଢ଼ିଯାଇଛି । ମନେହୁଏ ତାଙ୍କ ପେଟରେ ରାହୁ ରାକ୍ଷସ ପଶି ଯାହା ପାଉଛି ହାଉ ହାଉ ହେଇ ଗିଳିଯିବାକୁ କହୁଛି ।

ଯେତେ ଗିଳିଲେ ବି ଭୋକ ମରୁନି କି ପ୍ରକୃତି ଶାନ୍ତି ହେଉନି । ସେଇଥି ପାଇଁ ସରକାର ଯେତେ ଯୋଜନା କରାନ୍ତୁ, ସବୁ ଜୁଇତଳେ ପାଉଁଶଗଦା ପାଲଟି ଯାଉଛି । ଆମ ପିଲାଏ ନିଜ ଭିଟାମାଟି ଛାଡ଼ି ବାହାର ରାଇଜରେ ଦାଦନ ଖଟିବାକୁ ଧାଉଁଛନ୍ତି । ମୁଁ ପଚାରିଲି କାହିଁକି ଦାଦନ ଖଟିବାପାଇଁ ଯାଉଛନ୍ତି କହିପାରିବ ? ଆଶୁକବି କହିଲେ... ଏତିକି ବୁଝୁନାହାନ୍ତି ! ଆଜ୍ଞା, ଏଇଠି ସବୁଠୁ ଭଲଗୁଣ ଆମେ ଅର୍ଜିଛୁ, ଋଣକରି ଘିଅ ଗିଳିବା ସପନ ଦେଖୁଛୁ । ପିଲାଙ୍କୁ ବେଶି ପାଠ ପଢେଇବାରେ ଋଣ, ଚାଷ କରିବାରେ ଋଣ, ମହିଳାଙ୍କୁ ସଶକ୍ତ କରିବା ପାଇଁ ଋଣ, ଜମି କିଣିବାକୁ ଋଣ, ଚାଷ କରିବାକୁ ଋଣ, ଘର ତୋଳିବାକୁ ଋଣ, ବାହାଘର ପାଇଁ ଋଣ, ଗାଡ଼ି ଚଢ଼ି ବଡ଼ଲୋକି ଦେଖେଇବାକୁ ଋଣ, ଭୋଜି ଭାତରେ ଋଣ, ବେପାରରେ ଋଣ, ମାଗୁଥିବା ଲୋକର ଅଭାବ ପୂରଣ ପାଇଁ ଋଣ... । ଏମିତି କି ଋଣ ଶୁଝିବା ବା ସୁଧ ଦେବାକୁ ବି ଋଣ..ଇତ୍ୟାଦି ଇତ୍ୟାଦି କେତେ ଆଉ କହିବି ଏଇ ଋଣର ଗୁଣ ? ବାପ ଖାଇଥିଲେ ତାଳ... ପୁଅକୁ ହୁଅଇ କାଳ ନ୍ୟାୟରେ ପେଟ ଭୋକ ମାରିବାଠାରୁ ଋଣ ଦାଉରୁ ବର୍ଞ୍ଚିବାପାଇଁ ଚାହୁଁଥିବା ମଣିଷ ବାଧରେ ଛୁଆଙ୍କୁ ଦାଦନ ଖଟିବାକୁ ବାହାରକୁ ଛାଡ଼ିବେନି, ଆଉକ'ଣ ଗିନି ମୃଦଙ୍ଗ ବଜେଇ ତାକ ଧିନା ଧିନି ନାଚିବାକୁ ଛାଡ଼ିବେ ? ଆପଣା ଜମି ପଡ଼ିଆ ପଡ଼ିଲେ କି ଗଲା ? ଯଦି ଚଷା ଜମି ଚାଷ କରାଇବ ବି ତେବେ ମୂଲିଆ ଗାଁ ଗାଁ ବୁଲି ଉଣ୍ଡାଳିଲେ ବି ମୋଟା ମଜୁରି ଦେଲେ ବି ମିଳୁନି । ଏଇ ଦୁଃଖ ଦୂର କରିବାକୁ କେଇଥର କେଡ଼େ କେଡ଼େ ବୁଦ୍ଧିଆ ବାବୁ ଚେଷ୍ଟା କରିଛନ୍ତି, ଆମ ଖଣି, ପାଣି, ଜମି, ଜଙ୍ଗଲ କି କଞ୍ଚାମାଲ ଆମ ରାଇଜରେ ବିନିଯୋଗ କରେଇ, କଳକାରଖାନା ବସେଇବାକୁ କେତେ କମ୍ପାନୀ କି ଡାକି ଦେଖେଇ ତାଙ୍କର ଓ ଆମ ପିଲାଙ୍କ ଆଖିରେ ଆଖିଏ ଲେଖାଏ ସପନ ଖୁନ୍ଦିଛନ୍ତି, ମାତ୍ର ଅବସ୍ଥା ଏପରି ହୋଇଛି ଯେ, ସେମାନେ 'ପଥ ପଚାରି ପିତାଘର ଯାଇଛନ୍ତି, ଆଉ ଅଯୋଧ୍ୟା ଆସିବାକୁ ମନକରି ନାହାନ୍ତି' । ଏଇଠି ତ ମାଗଣାଖାଇବା ଏମିତି ଶିଖିଗଲେଣି ଯେ ଆଉ ଖଟିବାକୁ ଚାହୁଁନାହାନ୍ତି । ଯଦିବା କିଏ ଖଟୁଛି, ମୂଳ ପାଇଟି ଲାଗୁଛି, ଆଠଘଣ୍ଟା ଜାଗାରେ ଚାରିଘଣ୍ଟା ଖଟିଲେ ଭାରି ବାଧୁଛି । ବରଂ ବାହାର ରାଇଜରେ ବାରଘଣ୍ଟା ଅଣ୍ଟା



ବଙ୍କା କରି ପରିଶ୍ରମ କଲେ ବି ସେଥିରେ ଗୋଟେ ପ୍ରେଷ୍ଟିଜ ମିଳୁଛି ବୋଲି ଭାବୁଛନ୍ତି.. କହୁଛନ୍ତି ବି । ଏମିତି ଯେତେ କଳକାରଖାନା ମହାପ୍ରଭୁଙ୍କ ବାନା ବନ୍ଧାହୋଇ ଜାକଜମକରେ ଉଦ୍‌ଘାଟନ ହୋଇ କେଇଦିନ ଦୌଡ଼ିଲା ଭଳିଆ ଦେଖାଗଲେ ବି ମୁହଁ ମାଡ଼ି ଶୋଇଛନ୍ତି ଯେ ଆଉ ଯିଏ ଯେତେ ଚେଷ୍ଟା କଲେ ବି ଉଠେଇ ପାରୁନାହାନ୍ତି । ନୟାଗଡ, ଆସ୍କା ଚିନି କଳ ହେଉ, କି ବ୍ରଜରାଜନଗର କାଗଜକଳ ହେଉ, ଅବା ଓଟିଏମ ମିଲ କି ସୂତା କଳ , ଲୁଗା କଳ.. ସବୁ ଅଚଳ । କଳିଙ୍ଗ ଟିଉବ, ଉତ୍କଳଟ୍ୟାନେରୀ, କୋଣାର୍କ ଟିଭି ସବୁ ଯେମିତି ଛାଡପତ୍ର ଦିଆ ବିବି । ଆମର ବାବୁମାନଙ୍କ ମନ ଯେମିତି ଉଚ୍ଚ, ବିଜୁଳି ଦେୟ ସେମିତି ଉଚ୍ଚ । ଉଚ୍ଚ ବିଜୁଳି, ବିଲ ଦେଇ ବଳ ଯାଏ ହୁଗୁଳି । ଯଦି କୋଉ ଫ୍ୟାକ୍ଟ୍ରି ଚାଲିଲା, ତେବେ କୋଉ ବାଟରେ କେତେ ଉଚ୍ଚ ଫାଇନ ପକେଇଲେ, ସେ ଶୋଇଯିବ, ଆଉ ଉଠିବନି କି ଚାଲିବନି, ସେଇ ଉଚ୍ଚ ଚିନ୍ତା ଆମର ଅଛି । ଆଉ ଅନେକ ସମୟରେ ଆନ୍ଦୋଳନ ଧର୍ମଘଟ କରେଇ ତାଲା ପକେଇ କାଲା ହୋଇ ଯାଆନ୍ତି ଥୋକେ । ଯଦି କୋଉ ନୂଆ କମ୍ପାନୀ, ସ୍ୱାଗତ ଭାଷଣ ଶୁଣି ବିଶ୍ୱାସରେ ବଳିୟାନ ହୋଇ ଧାଇଁ ଆସୁଥିବାର ଖବର ମିଳେ, କିଛି ଜାଗ୍ରତ ଘରଭଙ୍ଗା ବୁଦ୍ଧିଆ ଲୋକ ଏମିତି ବୁଦ୍ଧି ବତେଇ, ଲୋକଙ୍କୁ ତତେଇ ମତେଇ ଦିଅନ୍ତି ଯେ, ଧର ଧର ମାର୍ ମାର୍ କହି ତଡ଼ା ବାଡ଼ି ଧରି ଗୋଡ଼ାନ୍ତି ଯେ, ସେମାନେ ଧାଇଁ ପଳେଇବାକୁ ବାଟ ପାଆନ୍ତି ନାହିଁ । ଏମିତିରେ ଆମ ପିଲାଏ ଏଇଠି ଖଟିବାକୁ କ'ଣ ଚାହିଁବେ, ବରଂ ଦାଦନଖଟିବାକୁ ଯାଆନ୍ତି ପଳାଇ । ବଡ଼ ଭାଗ୍ୟ ଆମର । ସେଇଥିପାଇଁ କହିଲି ଦାଦନ ଜୀବନ ବଡ଼ ସୁଖରେ ଶୁକୁଟା... ।

ଆଉ ଗୋଟାଏ ବଡ଼କଥା ଭାଇନା ! ହେବାପାଇଁ କଳକାରଖାନା, ଜାଗା ଅଧିଗ୍ରହଣ ଲାଗି ଚାଲେ ଜୋରଦାର ଯୋଜନା । ମାତ୍ର ଥଇଥାନ କଥା ତୁଣ୍ଡରେ ଧରନା । କ୍ଷତି ପୂରଣ କେବଳ କଥାରେ ନଇଲେ ଅର୍ଥରେ । ବେଳେବେଳେ ସେତକ ବି ଯାଏ ବୃଥାରେ । ଜମିମାଲିକ ଡରେ ଦଲାଲଙ୍କ ନାଲି ଆଖିକୁ... ମାରିବା ଧମକକୁ । ବହୁ ଜାଗାରେ କମ୍ପାନୀ ମାଲିକ, ଜମି ମାଲିକଙ୍କୁ ଚିହ୍ନନ୍ତି ନାହିଁ, ଯେତିକି ଦଲାଲଙ୍କୁ ଜାଣନ୍ତି... ବିଶ୍ୱାସ କରନ୍ତି । ନିଜ ସାତ ପୁରୁଷର ଭିଟାମାଟି ଅବା ଭାତହାଣ୍ଡି ଜମିକୁ କମ୍ପାନୀ ନେଲେ, ଏତେ ଟଙ୍କା ମିଳିବ ସପନ ଦେଖେଇ ପ୍ରତିଶ୍ରୁତି ମିଳେ ଯେ, ବିଚରା ବଅଁଶ ବରଗ ମିଶି ଅଖା ଯୋଗାଡ଼ରେ ମାତନ୍ତି ଟଙ୍କା ଆଣି ରଖିବାକୁ । ସପନଠୁ ସତ୍ୟ... ସମୁଦ୍ରକୁ ଶଙ୍ଖେ । ଯେତିକି ମିଳେ, ନା ଜାଗା କିଣିହୁଏ କି ଘର ତୋଳିହୁଏ ! ବିଚରା ବେଘର ହୋଇ ବିରାଟ ମହାକାଶ ନୀଳଛାତ ତଳେ ଗଛ ମୂଳେ ରହିବାକୁ ପଡ଼େ । ଅବଶ୍ୟ ବିନା ବିଜୁଳି ବିଲ୍ ଦେୟରେ ରହି, ଭୋକ ସହି ଶକ୍ତିମାନ ବନି ଯାଆନ୍ତି । ପଚାରିଲି ଅନ୍ୟ ରାଜ୍ୟରେ ଏତେ ଫ୍ୟାକ୍ଟ୍ରି ହୋଇ ଏଯାଏ ବଢ଼ିଆ ଚାଲୁଛି କେମିତି ?

କହିଲେ ବାବୁ ! ଆମଭଳିଆ ମଳିମୁଣ୍ଡିଆ ଗାଉଁଲି ଖରତୁଣ୍ଡିଆ କଥା କିଏ ଶୁଣିବ, ନା କଥା ରଖି କାମରେ କିଏ କରିବ ? ଆଉ କ'ଣ ସେ ଜମାନା ଅଛି ଯେ ଶିବେଇ ସାମନ୍ତରା ଭଳିଆ ମହାମନ୍ତ୍ରୀଙ୍କୁ ମୂର୍ଖ ବୁଢ଼ୀମାଉସୀ ଗରମ ଯାଉ ଖୁଆଉ ଖୁଆଉ ବୁଦ୍ଧି ବତେଇ ଜଗତ ପ୍ରସିଦ୍ଧ କୋଣାର୍କ ଦେଉଳ ଗଢ଼େଇଦେବ ? ଏବେ ମହାଗଣ୍ଡରେ ପଥର ବୃଥାରେ ଭସେଇଲା ଭଳିଆ, ମୋଟା ପଇସା ଖରଚ କରେଇବାକୁ ପରା ବଡ଼ବଡ଼ ଧୋବଧାଉଳିଆ ବାବୁ ଘେରିଛନ୍ତି ! ଆହେ, ଯଦି କାହା ଘର ଭାଙ୍ଗିବା ଆଗରୁ ପକ୍କାଘର ଆଗୁଆ ତୋଳି ସେଇଠି କି ବିସ୍ଥାପନ କରେଇ କଳକବ୍‌ଜା କାରଖାନା କରାଯାଆନ୍ତା, ତେବେ ଏତେ ଆନ୍ଦୋଳନ କିଆଁ ହୁଅନ୍ତା ? ଟଙ୍କା କେଇଟା ଧରେଇଦେଲେ କ'ଣ ଭାତହାଣ୍ଡି ମିଳେ ନା ବାସଘର ହୋଇଯାଏ ? ବାବୁଙ୍କର ବେଦନା ଥିଲେ କି ପ୍ରାଣରେ କମ୍ପନ ହେଲେ ସିନା... ସମବେଦନା ଜଣେଇ ଅନୁକମ୍ପା ରାଶି କମ୍ପାନୀ ଦିଅନ୍ତା ! ବାବୁ ! ଯୋଉ ବଳଦଙ୍କ ବଳରେ ଜମି ଚଷା, ଫଳ ଅମଳ ହୁଏ, ତାଙ୍କ ପେଟକୁ ଦାନା ନ ଦେଇ ପିଠି ନ ଆଉଁସି ଯଦି ନାକରେ ଲଙ୍କା–ଧୂଆଁ ପୂରାଯାଏ, ପିଠିକି ପୁଲିସିଆ ଠେଙ୍ଗେଣିରେ ପିଟାଯାଏ, ତେବେ ସିଏ ଖୁସିହେବ ନା ପଘା ଛିଣ୍ଡେଇ ଭୁସିବାକୁ ଧାଇଁବ.. ମାଲିକକୁ ତଡ଼ିବ, ବିଚାରକରି କୁହନ୍ତୁ ନା... ।

ଯଦି ହେଜିବ, ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଦିଶିବ । ନ ହେଲେ ବସି ମୋ ଭଜନକୁ ଗର୍ଜନକରି ଗାଇବ... ଦାଦନ ଜୀବନ ବଡ଼ ସୁଖରେ ସୁକୁଟା.... ।


*–ମଙ୍ଗରାଜପୁର, ପୁରୀ ମୋ:୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### (ବିଭିନ୍ନ ସ୍ୱାଦର କବିତା) କବିତା ବାଟିକା

**ମଙ୍ଗୁଳି ଚରଣ ଦାସ**
**ପ୍ରକାଶକ–ନିହାର ରଞ୍ଜନ ଦାସ, କିଆପଦା, ଅନ୍ଧାରୀ, ଯାଜପୁର, ମୂଲ୍ୟ–୫୦ଟଙ୍କା**


ବିଭିନ୍ନ ସ୍ୱାଦର କବିତା, କବିତା ବାଟିକା ମଙ୍ଗୁଳି ଚରଣ ଦାସଙ୍କ ପୁସ୍ତକ । ନାନା ଜାତିର ଫୁଲପରି ସେ କବିତାର ବିଭିନ୍ନ ଦିଗକୁ ଛୁଇଁ ଯାଇଛନ୍ତି । ସରଳ ସାବଲୀଳ ଭାଷା ତାଙ୍କ କବିତାକୁ ଜୀବନ୍ତ କରିଛି । ରଚିତ ଗାଥା କବିତା 'ତମସୋ ମା ଜ୍ୟୋର୍ତିଗମୟ' ତାଙ୍କର ଆଧ୍ୟାତ୍ମିକ ଗଭୀର ଅନୁଶୀଳନର ପରିଚୟ ଦିଏ । ଶ୍ରୀକ୍ଷେତ୍ର ପରିକ୍ରମା ପରି ଗୀତିକବିତା ମନକୁ ଭିଜାଇ ଦିଏ । କବି ଦାସଙ୍କର ସରଳ ଓ ଭାବଭକ୍ତି ସମର୍ପଣ ଭାବ ପୁସ୍ତକରେ ପରିପ୍ରକାଶ ହୋଇଛି ।




### ଗଙ୍ଗଶିଉଳି, ବର୍ଷାଭିଜା ସକାଳ

**ସଂଯୁକ୍ତା ମହାନ୍ତି, ପ୍ରକାଶକ– କାବ୍ୟଲୋକ**
**ଗ୍ୟାରେଜ ଛକ, ଲୁଇସ୍ ରୋଡ୍**
**ଭୁବନେଶ୍ୱର–୨, ମୂଲ୍ୟ–୨୫୦ଟଙ୍କା**

ଗଙ୍ଗଶିଉଳି ଲେଖିକା ସଂଯୁକ୍ତା ମହାନ୍ତିଙ୍କ ୧୯ ତମ ଗଳ୍ପ ସଂକଳନ । ଏଥିରେ ୧୦ ଗଳ୍ପ ରହିଥିବା ବେଳେ ଶେଷ ଗଳ୍ପର ନାମ ଅନୁସାରେ ପୁସ୍ତକର ନାମକରଣ କରାଯାଇଛି । ଗପର କାହାଣୀ ଓ ଚରିତ୍ର ସବୁକୁ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି । ଡଲିଅପା, ଜିଦି, ଆବିଷ୍କାର, ଶେଷରାତିର ଦୀପ, ଗ୍ରସ୍ତ ଉପତ୍ୟକା, ଜମାଯେତରେରାନୁ ମିଶ୍ରର ଉପାଖ୍ୟାନ ଯାହାବି ପଢନ୍ତୁ ତାହା ପାଠକଙ୍କୁ ନିଆରା ଅନୁଭୂତି ଦେବ ।




### ଶେଷ ରାସ୍ତା

**ଚିତ୍ତରଞ୍ଜନ ବେହେରା, ବିଜୟିନୀ ପବ୍ଲିକେଶନ୍ସ**
**ଶଙ୍କରପୁର, କଟକ–୧୨, ମୂଲ୍ୟ–୧୫୦ଟଙ୍କା**

ଶେଷରାସ୍ତାରେ ଷୋହଳଟି ଗଳ୍ପ ସନ୍ନିବେଶିତ ହୋଇଛି । ପ୍ରତ୍ୟେକ ଗଳ୍ପ ପ୍ରତ୍ୟେକ୍ଷ ଓ ପରୋକ୍ଷ ଅନୁଭୂତିରେ ସ୍ନାତ । ଏହା ବହିର ଶୀର୍ଷକ ଗଳ୍ପ । ଏଥିରେ ରହିଛି ନୂତନ ଆଙ୍ଗିକର ଆବେଦନ ଓ ଅବସୋସର ଅନେକ ଅକ୍ଷକ ଅବଲମ୍ବନ । ଲେଖକ ଆତ୍ମକଥନରେ କହିଛନ୍ତି, ମୋ ଗଳ୍ପ ହେଉଛି ମୋ ଛୋଟ ମଗଜର ଭୁଗୋଳ । ପୁସ୍ତକରେ ସ୍ଥାନିତ ଗପଗୁଡିକ ମୋ ଭିତରେ ଗୋଳେଇ ଘାଣ୍ଟି ହେଉଥିବା କିଛି ଚରିତ୍ରଙ୍କ ବାସ୍ତକ ଚିତ୍ର । ପୁସ୍ତକରେ ପ୍ରକାଶିତ ଯେ କୌଣସି ଗପ ପାଠ କରନ୍ତୁ ତାହା ନିଶ୍ଚୟ ବାନ୍ଧି ରଖିବ ।



ବ୍ୟାକ୍ ପେଜ୍

# ଭାବୁଛନ୍ତି କି ଜଳପରୀ !

**ଗ**ଭୀର ଜଳ ଭିତରେ ଧଳାରଙ୍ଗର ପୋଷାକ ପିନ୍ଧିଥିବା ଏହି ଯୁବତୀକୁ ଦେଖି ଜଳପରୀର ଭ୍ରମ ସୃଷ୍ଟି ହେଉଥିବ। ହେଲେ ପ୍ରକୃତରେ ସେ ଜଳପରୀ ନୁହନ୍ତି ବରଂ ଜଣେ ମଡେଲ। କାନାଡାର ଫଟୋଗ୍ରାଫର ଷ୍ଟିଭେନ ହେନିଙ୍ଗ ଏବଂ ମଡେଲ ସିଆରା ଆଣ୍ଟୋଡ୍‌ସ୍କି ଆମେରିକାର ଡାଇଭିଂ ଓ ସେଫ୍ଟି ଏକ୍ସପର୍ଟ ଓ୍ୱେନ ଫ୍ରାଏମେନଙ୍କ ସହାୟତାରେ ଗଭୀର ଜଳ ଭିତରେ ଏହି ଫଟୋଶୁଟ୍ କରିଥିଲେ। ଏଥିପାଇଁ ଉଭୟ ଫଟୋଗ୍ରାଫର ଓ



ମଡେଲଙ୍କୁ ମାସ ମାସ ଧରି ଟେକ୍ନିକାଲ ତାଲିମ, ଗ୍ୟାସ୍ ବ୍ଲେଣ୍ଡିଂ ସହ ଡିକମ୍ପ୍ରେସନ୍‌ର ଅଭ୍ୟାସ କରିବାକୁ ପଡ଼ିଥିଲା। ଶେଷରେ ଆମେରିକାର ଦକ୍ଷିଣ ଫ୍ଲୋରିଡ଼ାସ୍ଥ ବୋକା ରାଟୋନ ସମୁଦ୍ର ତଟର ୧୭୩ ଫୁଟ ଗଭୀର ସମୁଦ୍ର ତଳେ ବୁଡି ରହିଥିବା ହାଇଡ୍ରୋ ଆଟଲାଣ୍ଟିକ ଜାହାଜର ଅବଶେଷ ନିକଟରେ ଏହି ଫଟୋଶୁଟ୍ ହୋଇଥିଲା। ଷ୍ଟିଭେନ ହେନିଙ୍ଗ ଫଟୋ ଉଠାଇଥିବାବେଳେ ସିଆରା ଆଣ୍ଟୋଡ୍‌ସ୍କି ସାଜିଥିଲେ ମଡେଲ। ଫଟୋଗୁଡିକ ଖୁବ୍ ସୁନ୍ଦର ଉଠିଥିଲା। ଲାଗୁଥିଲା ସତେ ଯେମିତି ଜଳପରୀର ଫଟୋ ଉଠା ଯାଇଛି।




# ଚତୁର ଶୁଆ

**ଲୋ**କେ ଶୁଆକୁ ଘରେ ରଖନ୍ତି ତା’ର ମଣିଷ ଭଳି କଥା କହିବା ବୈଶିଷ୍ଟ୍ୟ ପାଇଁ। ତା’ର ମିଠା ମିଠା କଥା ଶୁଣିଲେ ଭାରି ଭଲ ଲାଗେ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ଏକ ଶୁଆ ଅଛି ଯିଏ କଥା କହିବା ପାଇଁ ନୁହେଁ ବରଂ ଆଉ ଏକ କାରଣ ପାଇଁ ସାରା ପୃଥିବୀରେ ଚର୍ଚ୍ଚିତ। ତାହା ହେଉଛି ତା’ର ବିଭିନ୍ନ ପ୍ରକାରର ଜିନିଷ ଚିହ୍ନିବା ଶକ୍ତି। ଆପୋଲୋ ନାମକ ଏହି ଆଫ୍ରିକୀୟ ଗ୍ରେ ପ୍ୟାରୋଟ ବହୁତ ଚାଲାକ୍। ଏହାର ମାଲିକ ହେଉଛନ୍ତି ଡାଲଟୋନ ଓ ଭିକ୍ଟୋରିଆ ମାସୋନ୍। ଦୁହେଁ ଆପୋଲୋକୁ ଏଭଳି ତାଲିମ ଦେଇଛନ୍ତି ଯେ, ସେ ବିଭିନ୍ନ ରଙ୍ଗ, ବିଭିନ୍ନ ବସ୍ତୁ ଏମିତିକି ଲେବଲ୍ ଲଗାଯାଇଥିବା ବସ୍ତୁକୁ ଚିହ୍ନି ତାକୁ ଥଣ୍ଟରେ ଆଣିପାରେ। ଆପୋଲୋର ସୋସିଆଲ ମିଡ଼ିଆରେ ଆକାଉଣ୍ଟ ଅଛି। ଏହି ଚତୁର ଶୁଆ ନାଁରେ ଗିନିଜ ଓ୍ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ ଅଧିକ ବସ୍ତୁ ଚିହ୍ନିବାର ରେକର୍ଡ ବି କରିଛି। ଆପୋଲୋର ମାଲିକ ଡାଲଟୋନ ଓ ଭିକ୍ଟୋରିଆ କହନ୍ତି,‘ ଆମର ଉଦ୍ଦେଶ୍ୟ ହେଉଛି ପ୍ରାଣୀଙ୍କ ଭିତରେ ଥିବା ଇଣ୍ଟେଲିଜେନ୍ସକୁ ଲୋକଲୋଚନକୁ ଆଣିବା। ଯାହାର ଆରମ୍ଭ ଆମେ ଆପୋଲୋରୁ କରିଛୁ।’







# ସ୍କେଟ ବୋର୍ଡିଂ କରୁଥିବା କୁକୁର

**ସ୍କେ**ଟ ବୋର୍ଡିଂ କେତେ ଯେ କଷ୍ଟକର ଯିଏ କରିଛି ସେ ଜାଣିଛି। ଯେଉଁଠି ମଣିଷଙ୍କ ପକ୍ଷେ ଏହା କଷ୍ଟକର, ଗୋଟେ କୁକୁର କିନ୍ତୁ ଏହି ସ୍କେଟବୋର୍ଡିଂ କରି ସମସ୍ତଙ୍କୁ ଚକିତ କରିଦେଇଛି। ଏହି କୁକୁରର ନାଁ ହେଛି କୋଡା। କକର୍ ସ୍ପାନିଏଲ ପ୍ରଜାତିର ଏହି କୁକୁରଟି କେବଳ ସ୍କେଟ ବୋର୍ଡିଂ କରୁନି, ବରଂ ଏହାକୁ ନେଇ ରେକର୍ଡ ବି କରିଛି। ୪୦ ଜଣ ଲୋକ ନିଜର ଦୁଇ ଗୋଡକୁ ପ୍ରସାରିତ କରି ପଛକୁ ପଛ ଠିଆ ହୋଇ ଥିବାବେଳେ ସେମାନଙ୍କର ଦୁଇ ଗୋଡ ମଝିଦେଇ ଏହି କୁକୁର ସ୍କେଟ ବୋର୍ଡିଂ କରି ଯାଇ ଗିନିଜ ବୁକ୍ ଅଫ୍ ଓ୍ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଜାପାନର ଡଗ ଟ୍ରେନର୍ ସାତୋମି ଅସାନୋ ହେଉଛନ୍ତି କୋଡାର ମାଲିକାଣୀ। ସେ ଖୁବ୍ ସ୍ନେହ ଦେଇ କୋଡାକୁ ତାଲିମ ଦେଇଛନ୍ତି। ପୂର୍ବରୁ ଜାପାନର ଦାଇଚୁନ ନାମକ କୁକୁର ଦୁଇ ଗୋଡକୁ ପ୍ରସାରିତ କରି ଠିଆ ହୋଇଥିବା ୩୩ ଜଣ ବ୍ୟକ୍ତିଙ୍କ ଗୋଡ ମଝିରେ ସ୍କେଟିଂ କରି ଏହି ରେକର୍ଡ କରିଥିଲା। କୋଡା ସେହି ରେକର୍ଡ ଭାଙ୍ଗି ସବୁଠୁ ଲମ୍ବା ହ୍ୟୁମାନ ଟନେଲ ମଝିରେ ସ୍କେଟବୋର୍ଡିଂ କରିଥିବା କୁକୁର ପାଲଟିଛି।